

ଭୁଲ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।
- ଯୋଶେଫ୍



## ସଂକ୍ଷେପରେ

### ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟ
## ଚାଷଜମିରେ ହୋଇପାରୁନି ଜଳସେଚନ

**କୋରେଇ,୨୧।୭(ସ୍ୱ.ପ୍ର.):** କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଆମ୍ୱଗଡିଆ ଗ୍ରାମରେ ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ତଳି କିଆରି ଫାଟି ଆଁ କରିଛି। ଫଳରେ ଚାଷୀ ଜମିରେ ପାଣି ମଡ଼ାଇ ନ ପାରି ମୁଣ୍ଡରେ ହାତ ଦେଇ ବସିଛି। ଅନିୟମିତତା ବର୍ଷା ଦାଉ ସାଧିବାବେଳେ ଚାଷୀ କୂଳକୁ ଚଡକ ପଡିଛି। ହେଲେ ଜଳସେଚନର ସୁବିଧା ପାଇଁ ଖୋଳାଯାଇଥିବା ନଳକୂପ ଚାଲୁ ନ ହେବାରୁ ଚାଷ କାର୍ଯ୍ୟ ହେବା ତ ଦୂରର କଥା କିଆରିରେ ପାଣି ମଡା ହୋଇପାରୁନାହିଁ। ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ତଥା କରଦା ଫିଡରରୁ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ମଧ ମୋଟର ଚାଲିବା ମାତ୍ରେ ବିଦ୍ୟୁତ୍‌କାଟ ହେଉଛି। ଅଫିସକୁ ବାରମ୍ୱାର ଦୌଡିବା ପରେ ପୁଣି ସଂଯୋଗ କରାଗଲେ ମଧ ଯେଉଁ ଅବ୍ୟବସ୍ଥାକୁ ସେହି ଅବ୍ୟବସ୍ଥା। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାର ସ୍ଥାୟୀ ସମାଧାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଦେଉଥିବାବେଳେ ବିଦ୍ୟୁତ୍ ବିଭାଗର କାର୍ଯ୍ୟକଳାପ ଯୋଗୁ ଚାଷୀ କ୍ଷତି ସହିବା ସହ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ଅସନ୍ତୋଷ ଏବେ ଆନ୍ଦୋଳନର ରୂପ ନେବାକୁ ଯାଉଛି। ଚାଷୀ ଶରତ କୁମାର କଣ୍ଡାଇ, ଅନାଦି ପ୍ରଧାନ, ଗୋପୀନାଥ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ବ୍ରଜ କିଶୋର ସାହୁ, ସଂଗ୍ରାମ ସାହୁ, ପ୍ରଦୀପ ପଣ୍ଡା, କାଳନ୍ଦୀ ପଣ୍ଡା, ଗୌରାଙ୍ଗ ମହାପାତ୍ର, ଇନ୍ଦ୍ରମଣି ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

## ରୋଟାରୀ କ୍ଲବ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ

**ଯାଜପୁରରୋଡ,୨୧।୭(ନି.ପ୍ର.):** ରୋଟାରୀ କ୍ଲବ କଳିଙ୍ଗନଗର ପକ୍ଷରୁ କହ୍ନେଇପୁରସ୍ଥିତ ମିସନାରୀ ଅଫ୍ ଚାରିଟି ଅନ୍ତର୍ଗତ ଶାନ୍ତି ନିବାସ ଓ ରମ୍ଭାସସ୍ଥିତ ଅନାଥ ଆଶ୍ରମରେ ରବିବାର ଅନ୍ନପୂର୍ଣ୍ଣା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ଆଇନଜୀବୀ ଲୋକନାଥ ରାଉତ, କାର୍ଯ୍ୟନିର୍ବାହୀ ସମ୍ପାଦକ ସୁଦୀପ କୁମାର ମିଶ୍ରଙ୍କ ସମେତ କ୍ଲବର କର୍ମକର୍ତ୍ତା ଓ ସଭ୍ୟମାନେ ଅଂଶଗ୍ରହଣ କରିଥିଲେ। କହ୍ନେଇପୁରସ୍ଥିତ ମିସନାରୀ ଅଫ୍ ଚାରିଟି ଅନ୍ତର୍ଗତ ଶାନ୍ତି ନିବାସର ସମସ୍ତ ଶାରୀରିକ ତଥା ମାନସିକ ବିକଳାଙ୍ଗ ଅନ୍ତେବାସୀଙ୍କୁ ପୂର୍ବାହ୍ନରେ ଖାଦ୍ୟ ପରିବେଷଣ କରିଥିଲେ। ପରେ ରମ୍ଭାସସ୍ଥିତ ଏନ୍‌ଆଇଏସ୍‌ଡବ୍ଲ୍ୟୁ ଦ୍ୱାରା ପରିଚାଳିତ ଅନାଥ ଆଶ୍ରମରେ ସମସ୍ତ ଛୋଟଛୋଟ ପିଲାଙ୍କୁ କ୍ଲବ୍ ତରଫରୁ ଖାଦ୍ୟ ପରିବେଷଣ କରାଯାଇଥିଲା। ଏଥିରେ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଅଂଶଗ୍ରହଣ କରିଥିଲେ। ପୂର୍ବତନ ସମ୍ପାଦକ ପରମେଶ୍ୱର ଦାଶ, ସହସମ୍ପାଦକ ଶିବାନନ୍ଦ ନାୟକ, ସୂର୍ଯ୍ୟକାନ୍ତ ବିଶ୍ୱାଳ, କୋଷାଧକ୍ଷ ଦିନେଶ କିମାର ସାହୁ, ମହେନ୍ଦ୍ର କୁମାର ପଣ୍ଡା, ସତ୍ୟଜିତ୍ ରାଉତରାୟ ପ୍ରମୁଖ ଭାଗ ନେଇଥିଲେ।

### ଜିଲା ଯୋଗାଣ ବିଭାଗର ମନମୁଖି କାର୍ଯ୍ୟ
# କାର୍ଯ୍ୟକାରୀ ହେଲାନି ମନ୍ତ୍ରୀଙ୍କ ନିର୍ଦ୍ଦେଶ

- ବିଞ୍ଝାରପୁର ବ୍ଲକରେ ହୋଇଥିଲା ଦୁର୍ନୀତି ଅଭିଯୋଗ
- ଅଭିଯୋଗ ଚାପି ଦେବାକୁ ହୋଇଥିଲା ଅର୍ଥ କାରବାର

**ଯାଜପୁର ଅଫିସ,୨୧।୭**

ଆକାଉଣ୍ଟ ସେକ୍ସନରେ ମନମାନି, ମିଲର୍ସଙ୍କୁ ଜାଣିଶୁଣି ହଇରାଣ, ବ୍ୟାପକ ପିସି କାରବାର ଓ ଦୁର୍ନୀତି ଅଭିଯୋଗକୁ ନେଇ ଚର୍ଚ୍ଚାରେ ଥିବା ଜିଲା ଯୋଗାଣ ବିଭାଗର ଆଉ ଏକ କାରନାମା ଦୃଷ୍ଟିକୁ ଆସିଛି। ଯାଜପୁର ଜିଲା ବିଞ୍ଝାରପୁର ଯୋଗାଣ ନିରୀକ୍ଷକଙ୍କ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ଖୋଦ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) କର୍ଣ୍ଣପାତ କରିନାହାନ୍ତି। ବିଞ୍ଝାରପୁର ବ୍ଲକର ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ବ୍ଲକରେ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଲୋକେ, ବରିଷ୍ଠ ନାଗରିକ, ରିଟେଲର ଓ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ବାରମ୍ୱାର ସିଏସ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ସାମାନ୍ୟତମ ଦୃଷ୍ଟି ଦେଉନାହାନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି ସିଏସ୍‌ଓଙ୍କଠାରୁ ନ୍ୟାୟ ନ ପାଇ ସ୍ଥାନୀୟ ଲୋକେ ଯୋଗାଣ ନୀରିକ୍ଷକଙ୍କ ବିରୋଧରେ ରାଜ୍ୟ ଯୋଗାଣ ବିଭାଗ ମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୩୫୨/୨୩।୧୧।୨୦୧୭ରେ ତୁରନ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସିଏସ୍‌ଓ ତାଙ୍କ ପତ୍ର ସଂଖ୍ୟା ୬୧୦/୩।୨।୨୦୧୮ରେ ଏହାର ତଦନ୍ତ ଦାୟିତ୍ୱ ଯାଜପୁର ଏସିଏସ୍‌ଓ (ସଦର)ଙ୍କୁ ଦେଇଥିଲେ। କିନ୍ତୁ ତତ୍କାଳୀନ ଏସିଏସ୍‌ଓ ଏ ଦିଗରେ ତଦନ୍ତ କରିବା ପରିବର୍ତ୍ତେ ସମ୍ପୃକ୍ତ ଯୋଗାଣ ନିରୀକ୍ଷକଙ୍କୁ ଘଣ୍ଟ ଘୋଡାଇବା ପାଇଁ ସମୟ ଗଡାଇ ଚାଲିଥିଲେ। ଏପରିକି ଏହି ଅଭିଯୋଗକୁ ଚାପି ଦେବା ପାଇଁ ବ୍ୟାପକ ଅର୍ଥ କାରବାର ହୋଇଥିଲା ବୋଲି କେତେଜଣ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବା ପରେ ଖାଦ୍ୟ ଯୋଗାଣ ବିଭାଗର ଯୁଗ୍ମ ସଚିବ ଶକୁନ୍ତଳା ବିନ୍ଧାଣି ତାଙ୍କ ପତ୍ରସଂଖ୍ୟା ୫୭୦/୮।୧।୨୦୧୮ରେ ଯାଜପୁର ଜିଲାପାଳ ଓ ସିଏସ୍‌ଓଙ୍କୁ ତଦନ୍ତ କରି ଏ ସମ୍ପର୍କିତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦ୍ୟାବଧି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଅନ୍ୟପକ୍ଷରେ ଦୁର୍ନୀତିକୁ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଏକାଧିକ ଥର ଅଭିଯୋଗ ହୋଇଆସୁଥିଲେ ହେଁ ୨୦୧୩ରୁ ବିଞ୍ଝାରପୁର ବ୍ଲକର ଯୋଗାଣ ନିରୀକ୍ଷକ ଅବସ୍ଥାପିତ ଅଛନ୍ତି। ୬ବର୍ଷ ହେଲା ସମ୍ପୃକ୍ତ ଯୋଗାଣ ନିରୀକ୍ଷକ ଗାଦି ମାଡ଼ି ବସିଛନ୍ତି। ଇତିମଧ୍ୟରେ ହିତାଧିକାରୀଙ୍କୁ ନିୟମିତ ଭାବେ ପିଡିଏସ ସାମଗ୍ରୀ ବଣ୍ଟନ କରାଯାଉ ନାହିଁ। କିରୋସିନ, ଚାଉଳ, ଗହମ ଆଦି ସାମଗ୍ରୀ ବଳକା କରି ବାହାରେ ଚଢା ଦରରେ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଜିଲା ଯୋଗାଣ ବିଭାଗର ଆକାଉଣ୍ଟ ସେକ୍ସନରେ ବ୍ୟାପକ ଅର୍ଥ କାରବାର ଅଭିଯୋଗ ଉପରେ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର (ଜିଏମ୍) ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୬୧୨୦/୨୪।୪।୨୦୧୯ରେ ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ସୁଫଳ ମିଳି ପାରି ନଥିଲା। ମନଗଢା ତଦନ୍ତ ରିପୋର୍ଟ ଦାଖଲ କରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ବିଞ୍ଝାରପୁର ଯୋଗାଣ ନୀରିକ୍ଷକଙ୍କ ମାମଲା ମଧ ଅନୁରୂପ ମୋଡ ନେଇଛି। ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ସରକାର ଓ ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ସିଏସ୍‌ଓ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ, ଦୁର୍ନୀତି ଉପରେ ହୋଇଥିବା ତଦନ୍ତରେ କୌଣସି ପ୍ରକାର ଅନିୟମିତତା ହୋଇନାହିଁ। ତଦନ୍ତ ଅନୁସାରେ ରିପୋର୍ଟ ଦାଖଲ ହେଉଛି ବୋଲି ସେ କହିଥିଲେ।

## ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର

**ଯାଜପୁରରୋଡ,୨୧।୭(ନି.ପ୍ର.)**

ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ସାପଗଡ଼ିଆ ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସାପଗଡ଼ିଆ ଅଞ୍ଚଳର ବାଦଲ ଦାସ ସ୍ତ୍ରୀ ସନକା ମଣ୍ଡଳଙ୍କୁ ଛୁରି ଭୁସିଦେଇଛନ୍ତି। ସ୍ଥାନୀୟ ଲୋକେ ସନକାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ପୋଲିସକୁ ଖବର ଦେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ପରକୀୟା ପ୍ରୀତି ସନ୍ଦେହରୁ ଏଭଳି କାଣ୍ଡ ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରକାଶ ଯେ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ରବିବାର ଝଗଡ଼ା ଲାଗିଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ବାଦଲ ସ୍ତ୍ରୀଙ୍କ ପେଟରେ ଛୁରି ଭୁସିଦେଇଥିଲେ। ପୂର୍ବରୁ ସେମାନଙ୍କ ମଧ୍ୟରେ ବାରମ୍ୱାର ଝଗଡ଼ା ହେଉଥିବା ନେଇ ଥାନାରେ ଅଭିଯୋଗ ମଧ ହୋଇଛି।

### ମୂଳାପାଳ ଲିଙ୍ଗେଶ୍ୱର ମନ୍ଦିର
## ବାହାର ରାଜ୍ୟରୁ ବି ଆସନ୍ତି ମାନସିକଧାରୀ

**ଯାଜପୁର ଅଫିସ,୨୧।୭**



ଯାଜପୁର ଜିଲା ଅନ୍ତର୍ଗତ କୋରେଇ ବ୍ଲକ ମୂଳାପାଳ ଗ୍ରାମରେ ପ୍ରଭୁ ଲିଙ୍ଗେଶ୍ୱରଙ୍କ ମନ୍ଦିର ରହିଛି। ପାଣିକୋଇଲି ପଟୁ ୧୬ନମ୍ବର ଜାତୀୟ ରାଜପଥର ବୈତରଣୀ ବ୍ରିଜ ମୁଣ୍ଡ ଡାହାଣକୁ ୧୦୦ ମିଟର ଦୂରରେ ଏହି ପୁରୁଣା ମନ୍ଦିରରେ ଲିଙ୍ଗେଶ୍ୱର ପୂଜା ପାଉଛନ୍ତି। ଯଯାତି କେଶରୀଙ୍କ ରାଜତ୍ୱ କାଳରେ ପ୍ରାୟ ୩୦୦ ବର୍ଷ ପୂର୍ବେ ଏହି ମନ୍ଦିର ନିର୍ମାଣ ହୋଇଥିଲା ବୋଲି ଜନଶ୍ରୁତି ରହିଛି। କେବଳ ଯାଜପୁର ଜିଲା ନୁହେଁ ରାଜ୍ୟ ଓ ରାଜ୍ୟ ବାହାରୁ ଏହି ମନ୍ଦିରକୁ ତୀର୍ଥଯାତ୍ରୀ ଓ ଭକ୍ତମାନେ ଦର୍ଶନାର୍ଥେ ଆସିଥାନ୍ତି। ଲିଙ୍ଗେଶ୍ୱରଙ୍କୁ ପୂଜା କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୂଜକ ଯଶୋବନ୍ତ ପଣ୍ଡା ଓ ବିରୁପାଖ ପଣ୍ଡା ନିୟମିତ ଭାବେ ପୂଜାପାଠ କରିଥାନ୍ତି। ଏହି ମନ୍ଦିରକୁ ଲାଗି ଏକ ମାତୃପୀଠ ମା' ବାଗେଶ୍ୱରୀ ମନ୍ଦିର, ରାମ ମନ୍ଦିର ଓ ଶନି ମନ୍ଦିର ରହିଛି। ମନ୍ଦିର ସମ୍ମୁଖ ଭାଗରେ ବୈତରଣୀ ନଦୀ ପ୍ରବାହିତ ହେଉଛି। ମୂଳାପାଳ, ବରପଦା, ବ୍ରଜନଗର ଗ୍ରାମକୁ ନେଇ ଲିଙ୍ଗେଶ୍ୱର ଉନ୍ନୟନ କମିଟି ଗଠନ କରାଯାଇଛି। ୧୯୭୧ ମସିହାରୁ ଗଠିତ ଏହି କମିଟିରେ ୮୦ଜଣ ସଦସ୍ୟ ରହିଛନ୍ତି। ତେବେ ବହୁ ବରିଷ୍ଠ ସଦସ୍ୟ ଇତିମଧ୍ୟରେ ମୃତ୍ୟୁବରଣ କଲେଣି। କମିଟିରେ ଦୈତାରୀ ଧଳ ସ୍ଥାୟୀ ସଭାପତି, ଭଗବାନ ସାହୁ ସମ୍ପାଦକ, ଶଙ୍କର୍ଷଣ ପରିଡ଼ା କୋଷାଧ୍ୟକ୍ଷ ରହିଛନ୍ତି। କମିଟି ପକ୍ଷରୁ ବିଭିନ୍ନ ସମୟରେ ବହୁ ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଥାଏ। ବାତ୍ୟା, ବନ୍ୟା ସମୟରେ ବିପନ୍ନଙ୍କୁ ସହଯୋଗ କରିବା, ଗରିବ ଲୋକଙ୍କୁ କନ୍ୟା ବିବାହ ସମୟରେ ସହଯୋଗ, ଦୁର୍ଘଟଣା, ଶୁଦ୍ଧିକ୍ରିୟା, ଶିକ୍ଷା ଆଦି କ୍ଷେତ୍ରରେ କମିଟିର ସଦସ୍ୟମାନେ ସହଯୋଗ କରିଥାନ୍ତି। ମନ୍ଦିର ପରିସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୯୯୯ ମସିହାରୁ ସ୍ଥାପିତ ହୋଇଛି। ଏଥିରେ ୭୦୦ରୁ ଉର୍ଦ୍ଧ୍ୱ ପିଲା ଅଧ୍ୟୟନ କରୁଛନ୍ତି।

## 'ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ଆସିବା ଜରୁରୀ'

**ଯାଜପୁର ଟାଉନ,୨୧।୭(ଡିଏନଏ)**

ଓଡ଼ିଶା ଖବରଦାତା ୟୁନିୟନ୍ (ଓୟୁଜେ)ର ଯାଜପୁର ଶାଖା ପକ୍ଷରୁ ରବିବାର ସହରସ୍ଥିତ ଏକ ହୋଟେଲରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାର ସମସ୍ତ ବ୍ଲକରୁ ଖବରଦାତାମାନେ ଯୋଗଦେଇ ନିଜର ମତ ରଖିଥିଲେ। ଖବରଦାତାଙ୍କ ଜୀବନ ଏବେ ଅସୁରକ୍ଷିତ। ସେମାନଙ୍କ ସୁରକ୍ଷା ପାଇଁ ଏକ ଆଇନ ପ୍ରଣୟନ କରାଯିବା ଉଚିତ୍ ବୋଲି ମତପ୍ରକାଶ ପାଇଥିଲା। ଏହି ଉତ୍ସବରେ ଜିଲା ସଭାପତି ସମରଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ରାଜୀବ ମହାନ୍ତି ରାଜ୍ୟରେ ଖବରଦାତାଙ୍କ ଉପରେ ବଢ଼ି ଚାଲିଥିବା ଆକ୍ରମଣକୁ ନିନ୍ଦା କରିବା ସହ ଏହା ବିରୋଧରେ ସମସ୍ତ ଖବରଦାତା ରାଜ୍ୟବ୍ୟାପୀ ଏକତ୍ରିତ ହେବାର ସମୟ ଆସିଛି ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ କଲ୍ୟାଣ ପାଣ୍ଠି ସଦସ୍ୟ ଆଦିତ୍ୟ ମେକାପ ଖବରଦାତାଙ୍କ ସୁରକ୍ଷା ପାଇଁ କଲ୍ୟାଣ ପାଣ୍ଠି ଗଠନ ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ସାହୁ, କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ଉପସଭାପତି ଦିଲିପ ଦାସ, ବିରଜା ପାଣି ପ୍ରମୁଖଙ୍କ ସହ ବରିଷ୍ଠ ସଭ୍ୟ ରଞ୍ଜିତ ରାଉତ, ଅକ୍ଷୟ ମହାନ୍ତି, ତପନ ମହାନ୍ତି, ପ୍ରଶାନ୍ତ ଜେନା, ରାମକୃଷ୍ଣ ଦାସ, ବିଶ୍ୱଭୂଷଣ ଜେନା, ସେକ ସନୱାର ପ୍ରମୁଖଙ୍କ ସହ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ୟୁନିୟନ ସଦସ୍ୟ ସାମିଲ ହୋଇଥିଲେ।

### ୧୦ ମାସ ଶିଶୁକନ୍ୟା ମୁଣ୍ଡରେ ଟ୍ୟୁମର
## ସହାୟତା ଅପେକ୍ଷାରେ ମା'ବାପା

**ଯାଜପୁର ଟାଉନ,୨୧।୭(ଡିଏନଏ)**



ଜଣେ ୧୦ମାସର ଶିଶୁ କନ୍ୟା ମୁଣ୍ଡରେ ବୃଦ୍ଧି ପାଇବାରେ ଲାଗିଛି ଏକ ଟ୍ୟୁମର। ମାତ୍ର ତାହାର ଅପରେଶନ ପାଇଁ ମା'ବାପା ଅର୍ଥ ଯୋଗାଡ଼ କରିପାରୁ ନାହାନ୍ତି। ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବୋଇତାଳୁପାଟଣା ଗ୍ରାମର ବିନୋଦ ଜେନା ଓ ମାମିନା ଜେନାଙ୍କର ୧୦ମାସର କନ୍ୟା ମୁଣ୍ଡରେ ଏକ ଟ୍ୟୁମର୍ ବଢ଼ିବାରେ ଲାଗିଛି। ବିନୋଦ ଉତ୍ତର ପ୍ରଦେଶର ଫରିଦାବାଦ୍‌ରେ ପାଇପ୍ ମିସ୍ତ୍ରୀ ହେଲପର ଭାବେ କାର୍ଯ୍ୟ କରନ୍ତି। ଜନ୍ମ ସମୟରେ ଶିଶୁ କନ୍ୟା ମୁଣ୍ଡରେ ଏକ ଛୋଟ ଆବୁ ଦେଖିବାକୁ ମିଳିଥିଲା। ତାହା କ୍ରମଶଃ ବୃଦ୍ଧି ଘଟି ବଡ଼ ଟ୍ୟୁମରରେ ପରିଣତ ହୋଇଛି। ଆୟୁଷାଙ୍କ ପରିବାର ଲୋକେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅପରେଶନ କରାଇବା ପାଇଁ ସମର୍ଥ ହୋଇପାରୁ ନାହାନ୍ତି। ଏହି ଅପରେଶନ୍ ପାଇଁ ଅର୍ଥର ଆବଶ୍ୟକତା ଥିବାବେଳେ ଆୟୁଷାଙ୍କ ପରିବାର ଆର୍ଥିକ ସଂକଟ ଭିତରେ ଗତି କରୁଛି। କୌଣସି ଉପାୟ ନ ପାଇ ଗ୍ରାମବାସୀଙ୍କ ସହାୟତାରେ ଶିଶୁ କନ୍ୟାଙ୍କୁ ବିନୋଦ ଭୁବନେଶ୍ୱରସ୍ଥିତ ଏଆଇଏମ୍‌ଏସ୍ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସହାୟତାର ହାତ ବଢ଼ାଇବାକୁ ସେ ନିବେଦନ କରିଛନ୍ତି। ଏ ନେଇ କେହି ତାଙ୍କୁ ସହାୟତା କରିବାକୁ ଚାହୁଁଥିଲେ ଅଙ୍ଗାଲୋ ଏସ୍‌ବିଆଇ ଶାଖାରେ ଥିବା ତାଙ୍କ ଆକାଉଣ୍ଟ ନମ୍ବର ୩୪୬୮୨୦୨୧୦୩୪କୁ ସହାୟତା ରାଶି ପଠାଇ ପାରିବେ ବୋଲି ପ୍ରକାଶ କରିଛନ୍ତି।

## ସହାୟତା ପ୍ରଦାନରେ ଅନିୟମିତତାକୁ ନେଇ ଅସନ୍ତୋଷ

**ଯାଜପୁର ଟାଉନ,୨୧।୭(ଡିଏନଏ)**

ଯାଜପୁର ଜିଲାରେ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେବାରେ ଜିଲା ଶ୍ରମ ବିଭାଗ ପକ୍ଷରୁ ଅନିୟମିତତା ପ୍ରଦର୍ଶନ କରାଯାଉଛି ବୋଲି ଅଭିଯୋଗ ହେଉଛି। ଗୃହ ନିର୍ମାଣ କ୍ଷେତ୍ରରେ ବ୍ଲକସ୍ତରରେ ଅଯଥା ବିଳମ୍ବ ଓ ରାଜନୈତିକ ହସ୍ତକ୍ଷେପ, ଶ୍ରମିକ ପିଲାଙ୍କ ପାଠପଢ଼ା ପାଇଁ ସହାୟତା ପ୍ରଦାନ, ସାଇକେଲ ଓ ନିରାପତ୍ତା ସାମଗ୍ରୀ, ଦକ୍ଷତା ବୃଦ୍ଧି ତାଲିମ୍ ସମେତ ଅନ୍ୟାନ୍ୟ ସହାୟତା ପ୍ରଦାନରେ ଅହେତୁକ ବିଳମ୍ବ ସହିତ ବିଭିନ୍ନ ଠିକାସଂସ୍ଥା ଦ୍ୱାରା ନିମ୍ନମାନର ସାମଗ୍ରୀ ଯୋଗାଣକୁ କେନ୍ଦ୍ରକରି ଶ୍ରମିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରତିବାଦରେ ଯାଜପୁରସ୍ଥିତ ଅଫିସର୍ସ କ୍ଲବ ପରିସରରେ ଓଡ଼ିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଯାଜପୁର ଜିଲା ଶାଖା ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀ ଅଫିସର୍ସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ସତ୍ୟନାରାୟଣ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅଖିଳ ଭାରତୀୟ ସଂଗଠନ ସମ୍ପାଦକ ବସନ୍ତ ସାହୁ, ପ୍ରାକ୍ତନ ସମ୍ପାଦକ କୃଷ୍ଣଚନ୍ଦ୍ର ମିଶ୍ର, ସାମାଜିକ କର୍ମୀ କୈଳାଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିଥିଲେ। ଏହାର ପ୍ରତିବାଦ କରିବାକୁ ଶ୍ରମିକଙ୍କୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ପୁରୁଷୋତ୍ତମ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଭାରତୀୟ ମଜଦୁର ସଂଘ ସଭାପତି ବଟକୃଷ୍ଣ ସାହୁ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ନିର୍ବାଚନ କରାଯାଇଥିଲା।

## ଦଶାଶ୍ୱମେଧ ଘାଟ ଚଳଚଞ୍ଚଳ

**ଯାଜପୁର ଟାଉନ,୨୧।୭(ଡିଏନଏ)**

ଯାଜପୁର ସହର ଦଶାଶ୍ୱମେଧ ଘାଟରୁ ଶ୍ରାବଣ ମାସରେ ଜଳ ସଂକଳ୍ପ କରାଯାଇ ବିଭିନ୍ନ ଶୈବପୀଠରେ ଜଳାଭିଷେକ କରାଯାଇଥାଏ। ଏହି ପବିତ୍ର ଦଶାଶ୍ୱମେଧ ଘାଟରୁ ଆଖଣ୍ଡଳମଣୀ, ଲିଙ୍ଗରାଜ, ପଞ୍ଚଲିଙ୍ଗେଶ୍ୱର, ମହାବିନାୟକ, ବରୁଣେଶ୍ୱର, ଖିଲାଟେଶ୍ୱର ଆଦି ଶୈବପୀଠକୁ ଯାତ୍ରା କରି ଜଳାଭିଷେକ କରିଥାନ୍ତି। ଯାଜପୁର ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏହି ଘାଟରୁ ଜଳ ନେଇ ବୋଲ୍‌ବମ୍ ଭକ୍ତମାନେ ଶୈବପୀଠକୁ ଯାଇଥାନ୍ତି। ଶ୍ରାବଣ ମାସର ପ୍ରଥମ ସୋମବାରରେ ଜଳାଭିଷେକ କରିବା ପାଇଁ ଦଶାଶ୍ୱମେଧ ଘାଟରେ ଭିଡ଼ ଜମିବାକୁ ଲାଗିଥିଲା। ଶ୍ରାବଣମାସ ପ୍ରଥମ ପାଳିରେ ଶହଶହ ସଂଖ୍ୟକ ଭକ୍ତ ରବିବାର ଜଳସଂକଳ୍ପ କରି ବିଭିନ୍ନ ଶୈବପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି।

# ଗୋଟିଏ ପରିବାରକୁ ଏକାଧିକ ଆବାସ ପ୍ରଦାନ

**ରସୁଲପୁର,୨୧।୭(ଡିଏନଏ)**

**ତଦନ୍ତ ରିପୋର୍ଟରେ ଚଞ୍ଚକତା**

ଟଙ୍କା କେଇଟା ପାଇଁ ସବୁ କିଛି ସମ୍ଭବ ହୋଇପାରୁଛି। ରାତାରାତି ତଦନ୍ତ ରିପୋର୍ଟ ବଦଳି ଯାଉଛି। ସରକାରୀ ଆବାସ ପାଇଁ ହିତାଧିକାରୀ ଚୟନରେ ଚଞ୍ଚକତା କରାଯାଇଛି। ତଦନ୍ତବେଳେ ସରକାରୀ ନିୟମକାନୁନ୍‌କୁ ଅଣଦେଖା କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଭୁଲ ତଥ୍ୟ ଆଧାରରେ ଗୋଟିଏ ପରିବାରକୁ ଏକାଧିକ ସରକାରୀ ଆବାସ ମିଳିବା ସମ୍ଭବପର ହୋଇପାରୁଛି। ଏଭଳି ଅଭିଯୋଗ ଯାଜପୁର ଜିଲା ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ ହୋଇଛି ବୋଲି ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ୱାର୍ଡ ସଭ୍ୟ ସୁଦର୍ଶନ ଦାସଙ୍କ ସମେତ ଗ୍ରାମବାସୀଙ୍କ ପକ୍ଷରୁ ହୋଇଛି।

ଏହି ପଞ୍ଚାୟତର ୧୫ଟି ୱାର୍ଡ ରହିଛି । ସ୍ୱର୍ଗତ ମିଛୁ ଦାସଙ୍କ ଘର ୪ ନମ୍ବର ୱାର୍ଡରେ ରହିଛି । ତାଙ୍କ ୪ପୁଅ ବଳରାମ, ଭଗବାନ, ଜଗବନ୍ଧୁ ଓ ଶ୍ରୀଧରଙ୍କ ନାଁରେ ୪ଟି ପ୍ରଧାନମନ୍ତ୍ରୀ ଆବାସ ମିଳିଛି। ଉକ୍ତ ପରିବାରକୁ ସରକାରୀ ଅନୁଦାନ ପ୍ରଦାନ କ୍ଷେତ୍ରରେ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଛି। ଏଥିପାଇଁ ଚଳିତବର୍ଷ ସାଧାରଣ ନିର୍ବାଚନ ପୂର୍ବରୁ କର୍ମୀ ସନ୍ତୁଷ୍ଟୀକରଣ ପାଇଁ ସରକାରୀ ଆବାସକୁ ଢାଲ କରାଯାଇଛି। ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରାଯାଇ ମିଛୁଙ୍କ ସ୍ତ୍ରୀ ବଦନୀ(୯୦)ଙ୍କ ନାଁରେ ବିଜୁ ପକ୍କାଘର ପ୍ରଦାନ କରାଯାଇଛି । ୨୦୧୮-୧୯ ଆର୍ଥିକ ବର୍ଷରେ ସାନପୁଅ ଶ୍ରୀଧରଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରାଯାଇଛି । ବଦନୀ ସାନପୁଅ ଶ୍ରୀଧର ପରିବାର ସହ ଏକତ୍ର ରହୁଛନ୍ତି । ସାମାଜିକ, ଅର୍ଥନୈତିକ ଓ ଜାତିଗତ ଜନଗଣନା ଚିଠା-୨୦୧୧(ଏସଇସିସି) ତାଲିକାର ପୃଷ୍ଠା ୧୫୩/୨୭୦ର ତଥ୍ୟ ଆଧାରରେ ଏଭଳି ସୂଚନା ପଦାକୁ ଆସିଛି। ଏଥିସହ ଶ୍ରୀଧରଙ୍କ ପରିବାରକୁ ମିଳିଥିବା ରାଶନ କାର୍ଡ ସ୍ତ୍ରୀ ମନୁଶ୍ରୀଙ୍କ ନାଁରେ ରହିଛି। ଉକ୍ତ କାର୍ଡରେ ଶାଶୁ ବଦନୀଙ୍କ ନାମ ରହିଛି ଏବଂ ଶ୍ରୀଧର ପରିବାର ମା'ଙ୍କ ନାଁରେ ଚାଉଳ ଉଠାଉଛନ୍ତି। ଶ୍ରୀଧର ଓ ବଦନୀ ଗୋଟିଏ ପରିବାରରେ ଅନ୍ତର୍ଭୁକ୍ତ ଅଟନ୍ତି ବୋଲି ଆଉ ଏକ ପ୍ରମାଣ ରାଶନ କାର୍ଡରୁ ମିଳିଛି। ଗୋଟିଏ ପରିବାରକୁ ଗୋଟିଏ ସରକାରୀ ଆବାସ ମିଳିବା ନିୟମ ରହିଥିବାବେଳେ ଏଠି ନିୟମ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଆବାସ ପ୍ରଦାନ ପାଇଁ ହିତାଧିକାରୀ ଚୟନବେଳେ ଏସଇସିସି ତାଲିକାକୁ ଅନୁସରଣ କରିବା ବିଧେୟ। ମାତ୍ର ତଦନ୍ତ ଅଧିକାରୀ ସେ ସବୁ ଦିଗପ୍ରତି ଆଦୌ ଧ୍ୟାନ ଦେଇ ନାହାନ୍ତି। ଏଭଳି ଚଞ୍ଚକତା ପଛରେ ତଦନ୍ତ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଏ ବାବଦରେ ଲାଞ୍ଚ କାରବାର ହୋଇଥିବା ଅଭିଯୋଗକାରୀ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ଘଟଣାର ତଦନ୍ତ ଦାୟିତ୍ୱ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଏ ଦିଗରେ ଅନୁସନ୍ଧାନ ରିପୋର୍ଟ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ନିର୍ବାହୀ ଅଧିକାରୀ ସୁଧିର ମହାନ୍ତିଙ୍କୁ ପଚାରିବାରୁ, ସେ ଏ ସମ୍ପର୍କରେ ଆଦୌ ଅବଗତ ନାହାନ୍ତି। ତାଙ୍କ ପୂର୍ବରୁ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ରିପୋର୍ଟ ବଳରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

### ଜଳେଶ୍ୱର ବ୍ରହ୍ମପୁର ନୋଡାଲ ବିଦ୍ୟାଳୟ
# ଭଙ୍ଗା ଗୃହରେ ପଢୁଛନ୍ତି ଛାତ୍ରୀଛାତ୍ର

**ରତ୍ନଗିରି,୨୧।୭(ଡି.ଏନ.ଏ.)**



- ଗୋଟିଏ ଗୃହରେ ପଢୁଛନ୍ତି ୧ମରୁ ୫ମ ଶ୍ରେଣୀ ଛାତ୍ରୀଛାତ୍ର
- ଆବଶ୍ୟକ ଅନୁସାରେ ନାହାନ୍ତି ଶିକ୍ଷକ
- ମଧ୍ୟାହ୍ନଭୋଜନ ପାଇଁ ନାହିଁ ବିଦ୍ୟାଳୟର ନିଜସ୍ୱ ଗୃହ

ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ଅନେକ ସ୍ଥାନରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ନଜିର ରହିଛି। ସେହିପରି ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ କେବଳ ସ୍ଲୋଗାନରେ ସୀମିତ ରହିଛି। ଏହାର ଏକ ଉଦାହରଣ ହେଉଛି କିମ୍ବିରିଆଳପାଳ ପଞ୍ଚାୟତ ଅଧୀନ ଜଳେଶ୍ୱର ବ୍ରହ୍ମପୁର ନୋଡାଲ ବିଦ୍ୟାଳୟ।

୧୯୦୪ରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ପ୍ରଥମେ ଏହି ବିଦ୍ୟାଳୟରେ ୭ ଶ୍ରେଣୀ ଥିବାବେଳେ ସରକାରଙ୍କ ନୂଆ ଶିକ୍ଷା ନୀତି ଅନୁଯାୟୀ ୮ମ ଶ୍ରେଣୀ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ବିଦ୍ୟାଳୟରେ ମୋଟ ୨୨୦ ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କ ମଧ୍ୟରେ ୧୨୦ ଛାତ୍ର ଓ ୧୦୦ ଛାତ୍ରୀ ଅଛନ୍ତି। ଶିକ୍ଷାଦାନ ପାଇଁ ୮ ଶିକ୍ଷୟିତ୍ରୀ ଶିକ୍ଷକ ଆବଶ୍ୟକ ଥିବାବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମୋଟ ୬ ଜଣ କାର୍ଯ୍ୟରତ ଅଛନ୍ତି। ଗତ ଫନୀ ବାତ୍ୟାରେ ବିଦ୍ୟାଳୟର ୪ ଶ୍ରେଣୀ ଗୃହର ଛପର ଉଡିଯାଇଥିଲା। ବର୍ତ୍ତମାନ ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀ ଗୃହରେ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି। ମଧ୍ୟାହ୍ନ ଭୋଜନ ପାଇଁ ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ପାଚିକାମାନେ ବାରଣ୍ଡାରେ ରୋଷେଇ କରୁଛନ୍ତି। ବିଦ୍ୟାଳୟରେ ଅଦ୍ୟାବଧି କ୍ରୀଡ଼ା ଶିକ୍ଷକ ନିଯୁକ୍ତି ପାଇନାହାନ୍ତି। ଏହା ବରୀ ବ୍ଲକର ସର୍ବପୁରାତନ ବିଦ୍ୟାଳୟ ହୋଇଥିବାବେଳେ ମୌଳିକ ସମସ୍ୟା ସମାଧାନ ପାଇଁ ଅଭିଭାବକ, ସ୍ୱେଚ୍ଛାସେବୀ ସଂଗଠନ ଓ ପୁରାତନ ଛାତ୍ରୀଛାତ୍ରଙ୍କ ତରଫରୁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତାଙ୍କୁ ଅଭିଯୋଗ କରାଯାଇଛି। ହେଲେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସୁଧୁରି ପାରୁନାହିଁ। ଦୀର୍ଘଦିନ ଧରି ପଞ୍ଚାୟତ ସମିତି ତରଫରୁ ଅର୍ଥ ମଞ୍ଜୁର କରାଯାଇ ବିଦ୍ୟାଳୟ ପରିସରରେ ଏକ ଗୃହ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିଲା। ପରବର୍ତ୍ତୀ ଅବସ୍ଥାରେ ବିଦ୍ୟାଳୟକୁ ଆସିଥିବା ଅନୁଦାନ ବିନିଯୋଗ କରାଯାଇ ଆଉ ଏକ ଗୃହ ନିର୍ମାଣ କରାଯାଇଥିଲେ ମଧ କାମ ଶେଷ ହୋଇପାରିନାହିଁ। ସରକାରୀ ଅର୍ଥ ମଞ୍ଜୁର ହେବା ପରେ ସମିତି ତରଫରୁ ନିର୍ମାଣ କରାଯାଇଥିବା ଗୃହକୁ ସମ୍ପୂର୍ଣ୍ଣ କରା ନ ଯାଇ ଅନ୍ୟ ଏକ ଗୃହ କାହିଁକି ନିର୍ମାଣ କରାଗଲା, ସେ ନେଇ ପ୍ରଶ୍ନ ଉଠିଛି। ଏ ବିଷୟରେ ଜଳେଶ୍ୱର ବ୍ରହ୍ମପୁର ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସେଠୀ କୁହନ୍ତି, ବରୀ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ବିଭିନ୍ନ ସମସ୍ୟା ବିଷୟରେ ଲିଖିତ ଭାବେ ଜଣାଯାଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ପଚାରିବାରୁ, ବାତ୍ୟା ପରେ ନିର୍ମାଣ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପଠାଯାଇଛି। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଜଣେ ମୃତ

**ମାର୍ଶାଘାଇ,୨୧।୭(ଡି.ଏନ୍.ଏ.):** ଶନିବାର ବିଳମ୍ବିତ ରାତିରେ ୫ନଂ(କ) ଜାତୀୟ ରାଜପଥର ମାର୍ଶାଘାଇ ଥାନା ଅନ୍ତର୍ଗତ ମଶାକଣୀ ନିକଟରେ ଏକ ମାଲବାହୀ ଟ୍ରକ ଧକ୍କାରେ ଅଜୟ କୁମାର ମହାନ୍ତି (୫୪)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛି । ପ୍ରକାଶ ଯେ, ମଶାକଣୀ ନିକଟରେ ଏକ ଟ୍ରକର ଡ୍ରାଇଭର ଗାଡି ରଖି ସେହି ଟ୍ରକର ମାଲିକ ଓ ସୁପରଭାଇଜରଙ୍କ ସହ କଥା ହେଉଥିଲେ । ଏହି ସମୟରେ ମାର୍ଶାଘାଇ ଆଡୁ ଆସୁଥିବା ଏକ ମାଲବାହୀ ଟ୍ରକ (ଓଡ଼ି୦୫ଏଇ ୪୨୫୦) ସେମାନଙ୍କୁ ଧକ୍କା ଦେଇ ପାରାଦୀପ ଆଡକୁ ଦ୍ରୁତ ଗତିରେ ପଳାଇ ଯାଇଥିଲା । ଫଳରେ ଛିଡା ହୋଇ ଥିବା ଟ୍ରକର ମାଲିକ ଅଜୟ କୁମାର ମହାନ୍ତି (୫୪) ଓ ସୁପରଭାଇଜର ବିଜୟ ବିଶ୍ୱାଳ (୫୫)ଗୁରୁତର ଆହତ ହୋଇଥିଲେ । ଖବର ପାଇ ମାର୍ଶାଘାଇ ପୋଲିସ ପହଞ୍ଚି ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ସେଠାରେ ଅଜୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ଘର କୁଜଙ୍ଗ ଥାନା ଅଧୀନ ହସିଣା ଗ୍ରାମରେ । ଆହତ ବିଜୟ ଚିକିତ୍ସାଧୀନ ଅଛନ୍ତି । ରବିବାର ଅଜୟଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅଜୟଙ୍କ ଭାଇ ଅଭୟ ରବିବାର ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି । ଏନେଇ ୧୭୩/୧୯ ନଂରେ ଏକ ମାମଲା ରୁଜୁ ହୋଇଛି ।

### ଅଟିଜିମ, ପକ୍ଷାଘାତଗ୍ରସ୍ତ ଶିଶୁଙ୍କ ପାଇଁ ସଚେତନତା କର୍ମଶାଳା

**କେନ୍ଦ୍ରାପଡା ଅଫିସ, ୨୧।୭:** ସହରର ମାଧପୁରସ୍ଥିତ ପୁନର୍ବାସ ଫିଜିଓଥେରାପି ଚିକିତ୍ସାଳୟ ପରିସରରେ ଅଟିଜିମ ଓ ପକ୍ଷାଘାତ ଆକ୍ରାନ୍ତ ଶିଶୁଙ୍କ ପାଇଁ ରବିବାର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସଂଗଠନ ପୁନର୍ବାସ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଅକ୍ୟୁପେସନାଲ ଥେରାପିଷ୍ଟ ଡା. ଗିରିଜାଶଙ୍କର ଖୁଣ୍ଟିଆ ଏବଂ ଫିଜିଓ ଥେରାପିଷ୍ଟ ଡା. ତୃପ୍ତି ବେହେରା ଯୋଗଦେଇ କର୍ମଶାଳାରେ ପ୍ରଶିକ୍ଷଣ ଦେଇଥିଲେ । ସେମାନେ କହିଥିଲେ, ଅଭିଭାବକ ଓ ଆକ୍ରାନ୍ତ ଶିଶୁ ଏଥିପାଇଁ ସଚେତନ ହେଲେ ସ୍ୱାଭାବିକ ଜୀବନଯାପନ ପାଇଁ ବାଟ ଖୋଲିଯିବ । ଏହି ଅବସରରେ ପ୍ରଶିକ୍ଷକମାନେ ଶିଶୁ ରୋଗୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । କର୍ମଶାଳାରେ ସହର ଓ ଆଖପାଖ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଶିଶୁ ରୋଗୀ ଓ ଅଭିଭାବକ ସାମିଲ ହୋଇଥିଲେ । ଏହାକୁ ପୁନର୍ବାସର ସାମାଜିକ ସଂଯୋଜିକା ସ୍ୱାଗତିକା ପ୍ରଧାନ ପରିଚାଳନା କରିଥିଲେ ।

### ■ ପାଟକୁରା ନିର୍ବାଚନ ପରେ ବିଜେଡି ଶିବିରରେ ଚର୍ଚ୍ଚା

# ମନ୍ତ୍ରୀ, ନିଗମ ଅଧ୍ୟକ୍ଷ ପଦ ପାଇଁ ଅଙ୍କକଷା

**କେନ୍ଦ୍ରାପଡା ଅଫିସ, ୨୧।୭**

ପାଟକୁରା ବିଧାନସଭା ଆସନ ପାଇଁ ମତଦାନ ଶନିବାର ଶେଷ ହୋଇଛି । ଆସନ୍ତା ୨୪ରେ ଭୋଟ ଗଣତି ହେବ। ମାତ୍ର ଏହା ପୂର୍ବରୁ ବିଜେଡି ଶିବିରରେ ଉତ୍ସାହ ଦେଖାଦେଇଛି । ସମର୍ଥକମାନେ ଏହି ଆସନରୁ ଜିତିବେ ବୋଲି ଆଶାବାନ୍ଧି ବସିଛନ୍ତି। ଏଥିସହ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିବା ନେତାଙ୍କ ମଧ୍ୟରୁ କାହାକୁ ପୁରସ୍କାର ସ୍ୱରୂପ ମନ୍ତ୍ରୀ ଅବା ନିଗମ ଅଧ୍ୟକ୍ଷ ପଦବୀ ମିଳିବ, ସେନେଇ ଏବେଠୁ ଅଙ୍କକଷା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ପାଟକୁରା ବିଧାନସଭା ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି, ଭାଜପା ସମେତ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । ଏହି ନିର୍ବାଚନ ଭାଜପା ଓ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ଥିଲା । ଦୀର୍ଘ ୧୯ ବର୍ଷ ଧରି ବିଧାନସଭାକୁ ଯାଇ ପାରି ନଥିବା ବିଜୟ ମହାପାତ୍ର ଭାଜପାରୁ ପ୍ରାର୍ଥୀ ହୋଇ ପୁଣି ଥରେ ପାଟକୁରା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି । ୧୯୮୫ ମସିହାରୁ ବିଜୁ ପଟ୍ଟନାୟକଙ୍କ ସହଯୋଗରେ ବିଜୟ ୪ ଥର ଏହି ନିର୍ବାଚନମଣ୍ଡଳୀରୁ ଜିତିଥିଲେ। ତେବେ ୨୦୦୪ ଓ ୨୦୦୯ ମସିହାରେ ଏହି ନିର୍ବାଚନମଣ୍ଡଳୀରୁ ହାରିବା ପରେ ୨୦୧୪ରେ ମହାକାଳପଡା ନିର୍ବାଚନ ମଣ୍ଡଳୀରେ ଭାଗ୍ୟ ପରୀକ୍ଷା କରି ବିଫଳ ହୋଇଛନ୍ତି। ଏବେ ପୁଣି ଥରେ ପାଟକୁରାରୁ ନିର୍ବାଚନ ଲଢୁଛନ୍ତି। ତାଙ୍କ ବିପକ୍ଷରେ ବିଜେଡିରୁ ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚନରେ ବିଜୟଙ୍କୁ ହରାଇବା ପାଇଁ ମୁଖ୍ୟମନ୍ତ୍ରୀ ଗତ ୧୭ ତାରିଖରେ ପାଟକୁରା ଗସ୍ତରେ ଆସି ସାବିତ୍ରୀଙ୍କୁ ଭୋଟ ଦେବା ଲାଗି ପ୍ରଚାର କରିଥିଲେ। ତାଙ୍କ ପୂର୍ବରୁ ବିଜେଡିର ବହୁ ତୁଙ୍ଗ ନେତା ପ୍ରତି ପଞ୍ଚାୟତରେ ନିୟୋଜିତ ହୋଇ ପ୍ରଚାର କାର୍ଯ୍ୟ ଓ ସଂଗଠନକୁ ମଜଭୁତ କରିବା ପାଇଁ ଉଦ୍ୟମ କରିଥିଲେ। ନିର୍ବାଚନ ଫଳାଫଳ ଘୋଷଣା ହେବାପରେ ବିଜେଡିର ଏହି ନେତାମାନଙ୍କୁ ପୁରସ୍କାର ଅଥବା ତିରସ୍କାର ମିଳିବ ତାହା ଦେଖିବାକୁ ବାକି ରହିଲା। ଅପରପକ୍ଷେ ସାବିତ୍ରୀ ଜିତିଲେ କେନ୍ଦ୍ରାପଡା ଜିଲାକୁ ମନ୍ତ୍ରୀ ଅବା ଗତ ସାଧାରଣ ନିର୍ବାଚନରେ ହାରିଥିବା କିଛି ନେତାଙ୍କୁ ନିଗମ ଅଧ୍ୟକ୍ଷ ପଦରେ ଥଇଥାନ କରାଯିବ ବୋଲି ବିଜେଡି ଶିବିରରେ ଆଲୋଚନା ହେଉଛି।

ନିଗମ ପଦବୀ ପାଇଁ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କଠାରୁ ଆରମ୍ଭ କରି ନିକଟରେ ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡା, ଗୀତାଞ୍ଜଳି ସେଠୀ ପ୍ରମୁଖ ରହିଛନ୍ତି। ମନ୍ତ୍ରୀ ପଦ ନିମନ୍ତେ ଜିଲାରୁ ନିର୍ବାଚିତ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ସାବିତ୍ରୀ ଏହି ଆସନରୁ ଜିତିଲେ ତାଙ୍କ ନାମ ମଧ୍ୟ ମନ୍ତ୍ରୀ ପଦ ଲାଗି ଉଠିପାରେ ବୋଲି ଶୁଣିବାକୁ ମିଳୁଛି।

ଅଭିଜ୍ଞତା ଦୃଷ୍ଟିରୁ କେନ୍ଦ୍ରାପଡା ବିଧାୟକ ବେହେରା ପୂର୍ବରୁ ଅର୍ଥ, ଅବକାରୀ ଓ କୃଷି ବିଭାଗ ପାଇଁ ମନ୍ତ୍ରୀ ପଦରେ ଥିଲେ । ସେହିପରି ଆଳି ବିଧାୟକ ଦେବ ଖାଦ୍ୟ ଯୋଗାଣ ବିଭାଗ ଓ ମହାକାଳପଡା ବିଧାୟକ ନାୟକ ଶକ୍ତି, ସ୍ୱାସ୍ଥ୍ୟ, ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ହେବାର ଅଭିଜ୍ଞତା ରହିଛି । ଏଭିଳି ସ୍ଥିତିରେ ବିଜେଡିରୁ କିଏ ମନ୍ତ୍ରୀ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ତ୍ରୀମଣ୍ଡଳରେ ଗୋଟିଏ ମନ୍ତ୍ରୀ ପଦବୀ ଖାଲିଥିବାରୁ କେନ୍ଦ୍ରାପଡ଼ା ଜିଲାର ନେତାଙ୍କୁ ମିଳିବ ବୋଲି ଆଲୋଚନା ହେଉଛି। ରାଜନୈତିକ ସମୀକ୍ଷକଙ୍କ କହିବାନୁସାରେ,ଆଗକୁ ବିଜେପୁର ଉପନିର୍ବାଚନ ରହିଛି। ଏହି ଉପନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ମନ୍ତ୍ରୀପଦ ଝୁଲାଇ ରଖିବାର ସମ୍ଭାବନା ରହିଛି।

# କେନ୍ଦ୍ରାପଡାରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି



ବୈଠକରେ ଉପସ୍ଥିତ ଜନମଞ୍ଚର ସଦସ୍ୟମାନେ।

**ପଟ୍ଟାମୁଣ୍ଡାଇ,୨୧।୭ (ସ୍ୱ.ପ୍ର)**

### ଜନମଞ୍ଚ ବୈଠକ

କେନ୍ଦ୍ରାପଡା ଜିଲାର ବିକାଶ ପାଇଁ ଏକ ମେଡିକାଲ କଲେଜ ଓ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଜିଲାର ଅଗ୍ରଣୀ ଜନ ସଙ୍ଗଠନ ଜନମଞ୍ଚ ପକ୍ଷରୁ ଦାବି ହୋଇଛି। ପଟ୍ଟାମୁଣ୍ଡାଇ ବେଲତଳସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷାଶ୍ରମ ଠାରେ ଆବାହକ ଦୁର୍ଯ୍ୟୋଧନ ପରିଡାଙ୍କ ଅଧ୍ୟକ୍ଷତାରେ ରବିବାର ଜନମଞ୍ଚର ବୈଠକ ହୋଇଥିଲା । ଏଥିରେ ଯୋଗଦେଇ ସଦସ୍ୟମାନେ ଉନ୍ନତ ସ୍ୱାସ୍ଥ୍ୟସେବା ସହ ମାନବ ସମ୍ବଳର ବିକାଶ ପାଇଁ ରାଜ୍ୟ ସରକାର ପ୍ରାଧାନ୍ୟ ଦେବାକୁ ଦାବି କରିଛନ୍ତି । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଘୋଷିତ ପଟ୍ଟାମୁଣ୍ଡାଇ ସବ୍ ଡିଭିଜନାଲ୍‌ସ୍ତରୀୟ ହସ୍ପିଟାଲକୁ ସ୍ପେସାଲିଷ୍ଟ ଡାକ୍ତରଖାନାରେ ପରିଣତ କରିବାକୁ ଦାବି ହୋଇଥିଲା । ଏଥିସହିତ ଜିଲାରେ ଖାଲି ପଡିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ଲାଗି ସଦସ୍ୟମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାଛଡା କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ ୨୦୧୯ ନୂତନ ଶିକ୍ଷା ନୀତିରେ ଘରୋଇ ଶିକ୍ଷାନୁଷ୍ଠାନକୁ ଉତ୍ସାହିତ କରାଯାଉଥିବାରୁ ସଦସ୍ୟମାନେ ଏହାକୁ ନାପସନ୍ଦ କରିଥିଲେ । ବିନା ଅନୁମତିରେ ଚାଲୁଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ବିରୋଧରେ ଶିକ୍ଷା ବିଭାଗର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ଦାବି ହୋଇଥିଲା । ବୈଠକରେ ଗୌରାଙ୍ଗ ବେହେରା, ବାବାଜୀ ଧଳ, ଭଗବାନ ନାୟକ, ରବୀନ୍ଦ୍ର ପରିଡା, ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, କୃପାସିନ୍ଧୁ ସାମଲ, ନିତ୍ୟାନନ୍ଦ ନାଥ, ବ୍ରଜବନ୍ଧୁ ବେହେରା, କ୍ଷେତ୍ରବାସୀ ପ୍ରଧାନ, ସର୍ବେଶ୍ୱର ସେଠୀ, ନରହରି ରାଉତ, ମଳୟ ଓଝା, ଶରତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ବାବାଜୀ ସାହୁ, ଶଶୀଭୂଷଣ କୁଣ୍ଡ, କାଳନ୍ଦୀ ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ବୈଠକରେ ପଟ୍ଟାମୁଣ୍ଡାଇ, ଆଳି ଓ ରାଜନଗର ବ୍ଲକର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ । ଶେଷରେ ଉମେଶ ସାମଲ ଧନ୍ୟବାଦ ଦେଇଥିଲେ ।

# ୮ ଦିନ ପରେ ବି ମିଳିନି ବାବୁଲି ଗୁଳିମାଡ଼ର ସୁରାକ

**କେନ୍ଦ୍ରାପଡା ଅଫିସ, ୨୧।୭**

ଗତ ୧୩ ତାରିଖ ସନ୍ଧ୍ୟାରେ ଧର୍ମରକ୍ଷା ସେନାର ଜିଲା ଆବାହକ ବିବେକାନନ୍ଦ ମହାରଣା ଓରଫ ବାବୁଲିଙ୍କୁ ଗୁଳିମାଡ଼ ହୋଇଥିଲା । ଇତିମଧ୍ୟରେ ଘଟଣାକୁ ୮ ଦିନ ବିତିଛି। ମାତ୍ର ଏପର୍ଯ୍ୟନ୍ତ ଜିଲା ପୋଲିସକୁ କୌଣସି ସଫଳତା ମିଳିନାହିଁ। ଅଦ୍ୟାବଧି ଅପରାଧୀଙ୍କ କୌଣସି ସୁରାକ ମିଳିପାରିନାହିଁ। ଏ ନେଇ ୨ ଥର ରାସ୍ତାରୋକୋ, ଜିଲା ବନ୍ଦ ଓ ୫ ଦିନ ବଜାର ବନ୍ଦ କରାଯାଇ ଆନ୍ଦୋଳନ ହୋଇଛି। ରବିବାର ବାବୁଲି କଟକ ବଡ ମେଡିକାଲରୁ ଫେରିଛନ୍ତି। ମାତ୍ର ପୋଲିସ ତଦନ୍ତରେ ଶିଥିଳତା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଏହି ଘଟଣାକୁ ନେଇ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ବାବୁଲିଙ୍କ ସମ୍ପର୍କ ଧର୍ମରକ୍ଷା ସେନା ସହ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ଆରଏସଏସ, ବ୍ୟବସାୟୀ ଓ ପୂଜା କମିଟି ସଦସ୍ୟଙ୍କ ସହ ରହିଛି । ଜିଲା ସାରା ବାବୁଲିଙ୍କ ସମର୍ଥକ ଅଛନ୍ତି। ଏଥିପାଇଁ ଆନ୍ଦୋଳନ ହେଲେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିଯିବ ବୋଲି ଆଲୋଚନା ହେଉଛି। ଅପରପକ୍ଷେ ଜିଲା ପୋଲିସ ପକ୍ଷରୁ ବିଭିନ୍ନ ଦିଗରୁ ତଦନ୍ତ ଚାଲିଛି ବୋଲି କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅପରାଧୀଙ୍କୁ ଧରିବା ପାଇଁ ଡିଜିପି ସଞ୍ଜୀବ ପଣ୍ଡା, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସପି ନୀତିଶେଖରଙ୍କ ମିଳିତ ନେତୃତ୍ୱରେ ୪ଟି ଟିମ ଗଠନ ହୋଇଛି। ଖୁବଶୀଘ୍ର ଅପରାଧୀଙ୍କୁ ଲୋକଲୋଚନକୁ ଅଣାଯିବ। ସୂଚନାଯୋଗ୍ୟ, ଗତ ୧୩ ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ସହରର ଦଣ୍ଡାମୁଣ୍ଡ ଛକରେ ବାବୁଲିଙ୍କୁ ଗୁଳିମାଡ଼ ହୋଇଥିଲା। ସେ ସହରର ତିନିମୁହାଣି ଛକରୁ ଘରକୁ ଫେରିବା ବେଳେ ୨ ଜଣ ଦୁର୍ବୃତ୍ତ ଗୋଟିଏ ବୁଲେଟ୍‌ରେ ଆସି ବାବୁଲିଙ୍କୁ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ।

# ଜାତୀୟ ସେବା ସଂସ୍ଥାର ସ୍ୱତନ୍ତ୍ର ଶିବିର



ଶିବିରରେ ଉପସ୍ଥିତ ଅତିଥି।

**କେନ୍ଦ୍ରାପଡ଼ା ଅଫିସ୍, ୨୧।୭**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏ ନେଇ ଅଧ୍ୟକ୍ଷ ଡା. ସ୍ମୃତିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଡା. ଅମୀୟ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମ ଦ୍ୱାରା ସମାଜର ଉପକାର ସମ୍ପର୍କରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ସୁସ୍ଥ ସମାଜ ପାଇଁ ସ୍ୱେଚ୍ଛାସେବିକାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିରେ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିପରି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ରଞ୍ଜିତରଞ୍ଜନ ସାହୁ ଓ ଶିକ୍ଷାବିତ୍ ଡ. ମଥୁରୀଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ବୋଲି ମତପ୍ରକାଶ କରିଥିଲେ। ସଂଯୋଜିକା ଡା. ପଦ୍ମଜା କବି ଶତପଥୀ, ସବିତା ଦାସ, ବଳରାମ ବାରିକ, ବିଶ୍ୱପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରାବଣରେ ବିଲ ଫାଟି ଆଁ

**ରାଜନଗର,୨୧।୭(ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲାର ଭାତହାଣ୍ଡି ରୂପେ ପରିଚିତ ରାଜନଗର ବ୍ଲକରେ ଶ୍ରାବଣ ମାସରେ ବିଲ ଫାଟି ଆଁ କରିଛି । ଯେଉଁ ସମୟରେ ବିଲବାଡି ବର୍ଷାଜଳରେ ଭାସିବା କଥା, ସେ ସମୟରେ ବର୍ଷାର ଦେଖାନାହିଁ। କେନାଲରେ ପାଣି ନାହିଁ। ପୋଖରୀ, ଗାଡିଆ ଶୁଖିଲା ପଡିଛି। ବର୍ଷା ଉଭାନ ହେତୁ ଚଳିତ ଖରିଫ ଋତୁରେ ଧାନଫସଲ ଆଶାନୁରୂପ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଲରେ ପାଣି ନ ଥିବାରୁ ଧାନତଳି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ଦିନେ ଦୁଇଦିନ ଭିତରେ ବର୍ଷା ନ ହେଲେ ସମଗ୍ର ବ୍ଲକରେ ପଡିଥିବା ଧାନତଳି ନଷ୍ଟ ହୋଇଯିବ। ଫଳରେ ଚଳିତବର୍ଷ ଖରିଫ ଧାନଫସଲ କିପରି ହେବ ସେ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବର୍ଷା ନ ହେବାରୁ ଅଧିକାଂଶ ଚାଷଜମି ପଡିଆ ପଡି ରହିଛି। ଏଯାଏଁ ଜମିକୁ ରୁଆ ବେଉଷଣ କରାଯାଇନାହିଁ। ଗତ ୨୦ ଦିନ ତଳେ ଅସରାଏ ବର୍ଷା ହେବାରୁ ଚାଷୀମାନେ ତଳି ବୁଣିଥିଲେ। କିନ୍ତୁ ଗତ କିଛି ଦିନ ହେବ ଖରା ଯୋଗୁ ତଳିଗୁଡିକ ନଷ୍ଟ ହେବାରେ ଲାଗିଛି। କିଛି ତଳି ପାଣି ଅଭାବରୁ ହଳଦିଆ ପଡିଗଲାଣି। ପ୍ରଚଣ୍ଡ ଖରା ଚାଷୀମାନଙ୍କୁ ଏକ ପ୍ରକାର ଆତଙ୍କିତ ହୋଇପଡିଛି।


ପାଣି ଅଭାବରୁ ଚାଷଜମି ଫାଟିଯାଇଛି।

ରାଜନଗର ବ୍ଲକରେ ୯୦ ପ୍ରତିଶତ ଜମିରେ କେବଳ ଖରିଫ ଧାନ ଫସଲ ହୋଇଥାଏ। ଅବଶିଷ୍ଟ ୧୦ଭାଗ ଜମିରେ ରବି ଫସଲ ଓ ଅନ୍ୟାନ୍ୟ ପରିବା ଚାଷ ହୋଇଥାଏ। ଏହି ବ୍ଲକର ୨୯ଟି ପଞ୍ଚାୟତରେ ଚଳିତବର୍ଷ ୨୩ ହଜାର ୭ଶହ ହେକ୍ଟର ଜମିରେ ଖରିଫ ଧାନଫସଲ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଅଧିକାଂଶ ଚାଷୀ ସରକାରୀ ବିହନ ନ ପାଇ ବଜାରରୁ ଆନ୍ଧ୍ର ଓ କଲିକତା ବିହନ କିଣି ତଳି ପକାଇଥିଲେ। ଏହାଛଡା ଚାଷୀମାନେ ଗତବର୍ଷ ସାଇତି ରଖିଥିବା ବିହନକୁ ବୁଣିଥିଲେ। କିନ୍ତୁ ଆଷାଢ ଓ ଶ୍ରାବଣରେ ଚାଷପୋଯୋଗୀ ବର୍ଷା ଅଭାବରୁ ଧାନତଳି ମରିଯିବାକୁ ବସିଲାଣି।

ଏଠାରେ ସୂଚନାଯୋଗ୍ୟ ଯେ, ରାଜନଗର ବ୍ଲକ ଅଣଜଳସେଚିତ ଅଞ୍ଚଳ। ବର୍ଷକରେ ମାତ୍ର ଗୋଟିଏ ଫସଲ ଉପରେ ଚାଷୀମାନେ ନିର୍ଭର କରିଥାନ୍ତି। ରାଜନଗର ବ୍ଲକ ନଦୀନାଳ ଘେରା ଅଞ୍ଚଳ ହୋଇଥିବା ଓ ବଙ୍ଗୋପସାଗର କୂଳରେ ଥିବାରୁ ଜୁଆରିଆ ସମୟରେ ଲୁଣା ମିଶ୍ରିତ ପାଣି ଆସୁଥିବାରୁ ତାହା ଚାଷ ଉପଯୋଗୀ ହୋଇପାରୁନାହିଁ। ଯେତିକି ଉଠା ଜଳସେଚନ ପ୍ରକଳ୍ପ ଥିବା ନେଇ ସରକାରୀ ସ୍ତରରେ କୁହାଯାଉଛି, ପ୍ରକୃତପକ୍ଷେ ସେଗୁଡିକ କାର୍ଯ୍ୟ କରୁନାହିଁ। ଏହି ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବା ବେଳେ ଉଠା ଜଳସେଚନ ପ୍ରକଳ୍ପ କାମ ନ କରିବା ଯୋଗୁ ଚାଷୀ ତଳି ପଡିଥିବା ବିଲକୁ ପାଣି ମଡାଇ ପାରୁନାହିଁ । ଫଳରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି।

# ଜନବସତି ମୁହାଁ କୁମ୍ଭୀର

**ବନମାଳୀ ସେନାପତି**
**ଆଳି, ୨୧।୭ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକଠାରେ ରହିଛି ଜାତୀୟ ଉଦ୍ୟାନ ଭିତରକନିକା। ଭିତରକନିକା ବୁଲିବା ସହ ପ୍ରାକୃତିକ ପରିବେଶକୁଉପଭୋଗ କରିବାକୁପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମେ। ଲୋକମାନେ ଜିଲା ଓ ରାଜ୍ୟ ବାହାରୁ ଆସି ଏଠାକାର ପ୍ରାକୃତିକ ପରିବେଶ ଉପଭୋଗ କରୁଥିବା ବେଳେ ଜାତୀୟ ଉଦ୍ୟାନ ଆଖପାଖ ଅଞ୍ଚଳବାସୀ କୁମ୍ଭୀର ଉତ୍ପାତ ଯୋଗୁ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ଜାତୀୟ ଉଦ୍ୟାନ ସଂଲଗ୍ନ ଡାଙ୍ଗମାଳଠାରେ ଥିବା କୁମ୍ଭୀର ପ୍ରଜନନ କେନ୍ଦ୍ର ଖୋଲା ନଦୀ ସହ ସଂଯୁକ୍ତ ହୋଇଥିବା ବେଳେ ଆଖପାଖ ଦେଇ ପ୍ରବାହିତ କେତେକ ନଦୀ ଖୋଲାନଦୀ ସହ ଯୋଡ଼ି ହୋଇରହିଛନ୍ତି। ଯାହାଫଳରେ ରାଜନଗର ବନବିଭାଗ ଅଧୀନରେ ଆଳି, ରାଜନଗର, ରାଜକନିକା ଓ ପଟ୍ଟାମୁଣ୍ଡାଇ ଆଦି ଅଞ୍ଚଳ ଦେଇ ପ୍ରବାହିତ ହଂସୁଆ, ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଓ କାଣୀ ଆଦି ନଦୀରେ କୁମ୍ଭୀର ଚଳପ୍ରଚଳ ହେଉଛନ୍ତି। ଫଳରେ ଅନେକ ସମୟରେ ସ୍ଥାନୀୟ ଲୋକେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି। ଏପରିକି କେତେକ ସମୟରେ ଲୋକମାନଙ୍କ ଜୀବନ ଯାଉଥିବା ବେଳେ ଗୃହପାଳିତ ପଶୁ ବି ମୃତ୍ୟୁ ମୁଖରେ ପଡୁଛନ୍ତି। ଲୋକମାନେ ନଦୀ ଜଳକୁ ବ୍ୟବହାର କରୁଥିବାରୁ ଏହି ଅଞ୍ଚଳରେ ଗାଧୁଆ ତୁଠଗୁଡ଼ିକରେ ତାର ଜାଲି ଲଗାଯିବା ପାଇଁ ନିୟମ ରହିଛି। ହେଲେ ବନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଯାହାଫଳରେ ଧନଜୀବନ ହାନି ଘଟୁଥିବା ବେଳେ କେତେକ ସମୟରେ ନଦୀରେ କୁମ୍ଭୀର ମୃତଦେହ ଭାସୁଥିବା ନଜିର ରହିଛି। କୁମ୍ଭୀର ଉପଦ୍ରବ ଯୋଗୁ ବର୍ଷ ସାରା ଲୋକମାନେ ବହୁ ଅସୁବିଧା ଭୋଗୁଥିବା ବେଳେ ବର୍ଷାଦିନେ ନଦୀରେ ପାଣି ବଢ଼ିଲେ ଲୋକମାନେ ମଧ୍ୟ ଆତଙ୍କିତ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଜାତୀୟ ଉଦ୍ୟାନ ସଙ୍କୁଚିତ ହେବା ଓ ଖାଦ୍ୟାଭାବ ଯୋଗୁ କୁମ୍ଭୀରଗୁଡ଼ିକ ଜନବସତି ଆଡକୁ ମୁହାଁଉଛନ୍ତି ବୋଲି କେତେଜଣ ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି।

ଗତ ୧୦ବର୍ଷ ମଧ୍ୟରେ କୁମ୍ଭୀର ଆକ୍ରମଣରେ ଭିତରକନିକା ଆଖପାଖ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ଅନେକେ ଆହତ ହୋଇଛନ୍ତି। ତା'ସହିତ ଶତାଧିକ ଗୃହପାଳିତ ପଶୁ ମଧ୍ୟ ମରିଛନ୍ତି। ଏଥିସହ ମଣିଷ-କୁମ୍ଭୀର ଲଢ଼େଇ ଭିତରେ କେତେକ ସମୟରେ ନଦୀରେ କୁମ୍ଭୀର ମରି ଭାସୁଥିବା ମଧ୍ୟ ଦେଖାଯାଇଛି। ପ୍ରତି ମାସରେ କୋଉଠି ନା କୋଉଠି ନଦୀକୂଳରେ ଚରୁଥିବା ଗାଈ, ଛେଳିକୁ କୁମ୍ଭୀର ଟାଣି ନେଉଥିବା ଖବର ନଜରକୁ ଆସୁଛି। ହେଲେ କୁମ୍ଭୀର ଦାଉରୁ ଅଞ୍ଚଳବାସୀଙ୍କୁ ରକ୍ଷା କରିବା ଓ ଜନବସତିଠାରୁ କୁମ୍ଭୀରମାନଙ୍କୁ ଦୂରେଇ ରଖିବା ଲାଗି ବନବିଭାଗ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କୌଣସି ଏକ ଅଘଟଣ ଘଟିଲେ ହିଁ ବିଭାଗୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ଘଟଣା ସମ୍ପର୍କରେ ବୁଝାବୁଝି କରିଥାନ୍ତି। କିନ୍ତୁ ଏହାପରେ ବାରମ୍ବାର ଦାବି ସତ୍ତ୍ୱେ ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ କର୍ତ୍ତୃପକ୍ଷ ସାମାନ୍ୟ ଚିନ୍ତା କରନ୍ତିନି ବୋଲି ଆଳି ବ୍ଲକ ଅଞ୍ଚଳବାସୀ କହିଛନ୍ତି।

ନଦୀ ତୁଠଗୁଡ଼ିକରେ ତାର ଜାଲି ଲଗାଯିବା ସମ୍ପର୍କରେ ରାଜନଗର ବନବିଭାଗ ରେଞ୍ଜର ଅମରେଶ ପ୍ରଧାନଙ୍କୁ ପଚାରିବାରେ ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକର ବିପଦସଂକୁଳ ସ୍ଥାନରେ ତାର ବାଡ଼ ଲଗାଯିବା ଲାଗି ଏବେ ବ୍ୟବସ୍ଥା କରାଯାଉଛି। ଯେଉଁ ସ୍ଥାନରେ ନିହାତି ଆବଶ୍ୟକ ରହିଛି, ସେହି ସ୍ଥାନଗୁଡ଼ିକରେ ତୁରନ୍ତ ଏହି ବ୍ୟବସ୍ଥା କରାଯିବ ବୋଲି ରେଞ୍ଜର ପ୍ରଧାନ କହିଛନ୍ତି।

### ୧୦ ବର୍ଷରେ ଗଲାଣି ପ୍ରାୟ ୨୦ ଜୀବନ

୨୦୦୮ରେ ରାଜକନିକା ବ୍ଲକ ବଜରପୁର ଗ୍ରାମର ବିଦ୍ୟାଧର ରାଉତ ଓ ୨୦୦୯ରେ ଆଳି ଥାନା ଅଧୀନ ରାଣୀପୋଖରୀ ଗ୍ରାମର ବୃଦ୍ଧ ଅନାଦି ଚରଣ ବାରିକ ଶୌଚ ହେବାକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ସେହିପରି ୨୦୧୧ରେ ଗଙ୍ଗାଧରପ୍ରସାଦଡିଆର ଉମାକାନ୍ତ ବେହେରା, ୨୦୧୨ ରେ ଓସ୍ତିଆର ବାସନ୍ତୀ ମହି, ରାଜକନିକା ପଙ୍କି ଗ୍ରାମର ସୁନାକର ମାଝୀ, ରାଜନଗର ରାଜପୁର ଗ୍ରାମର ଶ୍ରୀତମ ରାଉତ, ବେଲପାଳ ଗ୍ରାମର କମଳାକାନ୍ତ ପରିଡା, ରାଜକନିକା ବରାଡିଆ ଗାଁର କ୍ଷୀରୋଦ ମଲ୍ଲିକ, ୨୦୧୩ରେ ଆଳି ବ୍ଲକ ସାହୁପଡ଼ା ଗ୍ରାମର ଛାତ୍ରୀ ସରସ୍ୱତୀ ପରିଡ଼ା, ୨୦୧୪ରେ ଅଜଗର ପାଟିଆ ଗ୍ରାମର ବଉଳ ପ୍ରଧାନ, ୨୦୧୫ରେ ଆଳି ବ୍ଲକ ନଳପାହିର ମନୋରଞ୍ଜନ ସାହୁ, ୨୦୧୬ରେ ବଳରାମପୁର ଗ୍ରାମର ଛାୟାମଣି ବାଗ, ଚନ୍ଦନପୁର ଗ୍ରାମର କେଦାର ପ୍ରଧାନ, ୨୦୧୭ରେ ରାଜକନିକା ବ୍ଲକ ଆରସାର ରବିନାରାୟଣ ବେହେରା କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେହିପରି କୁମ୍ଭୀର ଆକ୍ରମଣରେ ୨୦୧୮ରେ ଡିଆପାରି ଗ୍ରାମର ଶ୍ରୀକାନ୍ତ ସେଠୀ ଓ ଶ୍ରୀରାମପୁରର ଶରତ ମଲିକ, ଆଳି ବ୍ଲକ ଦିନିଆରି ଗ୍ରାମର ବିଜୟ ପାତ୍ରଙ୍କ ମୃତ୍ୟୁ ଘଟିଛି। ୨୦୧୯ ରେ ମଣ୍ଡପଡ଼ାର ସଞ୍ଜୟ ଓ ସାହୁପଡ଼ାର ସୁବାସ ବରାଳ କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି।

■ ବନ ବିଭାଗ ନୀରବଦ୍ରଷ୍ଟା
■ ସ୍ଥାନୀୟ ଅଞ୍ଚଳରେ ବଢୁଛି ଅସନ୍ତୋଷ

# କବିତାରେ ବିପ୍ଳବର ସେତୁ ବାନ୍ଧିଥିଲେ ଆନନ୍ଦ


କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ଜନ୍ମୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୧।୭**

କନିକା ରାଜାଙ୍କ ଅତ୍ୟାଚାର ବଢ଼ି ଚାଲିଥିବା ବେଳେ ଆଶୁ କବିତା ମାଧ୍ୟମରେ କବି ଆନନ୍ଦ ଚନ୍ଦ୍ର ଯେନା ବିପ୍ଳବର ସେତୁ ବାନ୍ଧିଥିଲେ। ଏହା ମାଧ୍ୟମରେ ଜନସାଧାରଣଙ୍କୁ ଏକାଠି କରିବା, ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ପ୍ରତିବାଦର ସ୍ୱର ଉଠାଇବା, ଜେଲ ବରଣ କରିବା ବିପ୍ଳବୀ କବିଙ୍କ ଜୀବନର ଅଙ୍ଗ ହୋଇଥିଲା ବୋଲି ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଯେନାଙ୍କ ୧୩୫ତମ ଜୟନ୍ତୀ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସହରର ଆନନ୍ଦ ଜେନା ମାର୍ଗରେ ଏଥିପାଇଁ ଅନୁଷ୍ଠିତ ସଭାରେ ଆନନ୍ଦ ଜେନା ସ୍ମୃତି କମିଟି ସଭାପତି କରୁଣାକର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଉରକେଲା ବିଧାୟକ ଶାରଦାପ୍ରସନ୍ନ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ସାଏ, ଜିଲାପାଳ ସମର୍ଥ ବର୍ମା, ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ସିଡିଏମ୍ଓ ଡା. ଊର୍ମିଳା ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ଶିକ୍ଷାବିତ ବାସୁଦେବ ଦାସ, ନନ୍ଦ କିଶୋର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୟନ୍ତୀ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ ଦାଶ, ରମଣୀରଞ୍ଜନ ରାଉତରାୟ, ତାରିଣୀ କୁମାର ପାଢୀଯୋଶୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ ।

- ନେପୋଲିୟନ



## ସଂକ୍ଷେପରେ

### ରାଜପଥ କଡ଼ରୁ ମୃତଦେହ ଉଦ୍ଧାର

**ଚଣ୍ଡିଖୋଲ,୨୧ା୭(ଡି.ଏନ.ଏ.):** ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଚଣ୍ଡିଖୋଲ ଛକ ନିକଟ ମେଟ୍ରୋ ଇଣ୍ଡଷ୍ଟ୍ରି ନିକଟରୁ ରବିବାର ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ସେ ଜଣେ ମାନସିକ ବିକାରଗ୍ରସ୍ତ କିମ୍ବା ଭିକ୍ଷୁକ ହୋଇଥାଇପାରନ୍ତି ବୋଲି ପୋଲିସ ସୂଚନା ଦେଇଛି। ଚଣ୍ଡିଖୋଲ ଫାଣ୍ଡି ଏଏସଆଇ ସଞ୍ଜୀବ କୁମାର ଥାଟୋଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା (ନଂ. ୨୦/୧୯) ରୁଜୁ କରିଛି।

### ଜାରକା ବଜାର ଡ୍ରେନ୍ ସଫେଇ ଦାବି



**ଧର୍ମଶାଳା,୨୧ା୭(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକା ବଜାରରେ ରହିଥିବା ଡ୍ରେନ୍‌ଗୁଡିକ ସଫେଇ ନ ହେବାରୁ ପୋତି ହୋଇଯାଇଛି। ଫଳରେ ଜଳନିଷ୍କାସନରେ ବାଧା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷାରେ ବି ଜଳ ନିଷ୍କାସନ ହୋନ ପାରି ଦୋକାନ ବଜାରରରେ ପାଣି ଜମୁଛି। ପ୍ରତ୍ୟେକ ବର୍ଷ ଏହି ଏଭଳି ସମସ୍ୟା ଦେଖାଯାଉଛି। ଏ ନେଇ ବଜାର କମିଟି ପକ୍ଷରୁ ବହୁବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ କୌଣସି ସୁଫଳ ମିଳିପାରି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ୨୦୦୦ରେ ୧୬ନମ୍ବର ଜାତୀୟ ରାଜପଥ ପ୍ରସସ୍ତୀକରଣ ସମୟରେ ଜଳ ନିଷ୍କାସନ ପାଇଁ ଜାତୀୟ ରାଜପଥ ଜାରକା ବଜାରର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା କରିଥିଲା। ହେଲେ ୫ବର୍ଷ ହେବ ଏନଏଚ୍ ବିଭାଗ ତରଫରୁ ଏହାକୁ ସଫା କରାଯାଉ ନ ଥିବାରୁ ଏବେ ପୋତି ହେବାରେ ଲାଗିଛି। ଅପରପକ୍ଷେ ଡ୍ରେନ୍‌ର ଅନେକ ସ୍ଥାନରେ ପାଣି ଜମିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଯଥାଶୀଘ୍ର ଡ୍ରେନ୍‌କୁ ସଫାକରିବାକୁ ଜାରକା ବଜାର କମିଟିର ସଭାପତି ଅମରେନ୍ଦ୍ର ରାଉତ, ସମ୍ପାଦକ ସିଦାର୍ଥ ଏସ୍. ମହାନ୍ତି ଦାବି କରିଛନ୍ତି।

### ମୋରମ ବୋଝେଇ ଟ୍ରାକ୍ଟର ଜବତ

**ସୁକିନ୍ଦା, ୨୧ା୭(ଡି.ଏନ.ଏ.):** ସୁକିନ୍ଦା ପୋଲିସ ରବିବାର ସକାଳେ ବେଆଇନ ମୋରମ ଚାଲଣ ହେଉଥିବା ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ କରିଛି। ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଜବତଗାଡିକୁ ଥାନା ପରିସରରେ ଅଟକ ରଖାଯାଇଛି। ଏ ନେଇ ତହସିଲ ବିଭାଗକୁ ଜଣାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ସୁକିନ୍ଦା ତହସିଲ ଅଧିନରେ ଥିବା ଏକାଧିକ ଜାଗାରୁ ବେଆଇନଭାବେ ମହରମ ଖନନକରି ମାଫିଆମାନେ ଚାଲାଣ କରୁଛନ୍ତି। କେବଳ ମହରମ ନୁହେଁ ମାଫିଆ ମାନେ ବିଭିନ୍ନ ସ୍ଥାନରେ ପଥର ଖନନ କରି ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ତହସିଲ ଦାରଙ୍କ ମତାମତ ମିଳିପାରି ନାହିଁ।

# ଅଲୋଡ଼ା ହେଉଛି ସାଇକେଲ

**ରସୁଲପୁର,୨୧ା୭(ଡିଏନଏ)**

ଘରେ ଘରେ ଭଙ୍ଗାରୁଜା ଅବସ୍ଥାରେ ପଡ଼ି ରହିଥିବା ସାଇକେଲଗୁଡ଼ିକୁ ଦେଖିଲେ ଏହାର ଯୁଗ ସରିଆସିବା ଭଳି ମନେ ହେଉଛି। ଘରେ ଘରେ ସାଇକେଲ ବଦଳରେ ମୋଟର ସାଇକେଲ ସଂଖ୍ୟା ବୃଦ୍ଧି ପାଉଛି। ଯଦି ବି ସାଇକେଲ ଅଛି ତାହା ବ୍ୟବହାର ନ ହୋଇ ଘରର କେଉଁ ଏକ କୋଣରେ ପଡ଼ି ଖତ ଖାଉଛି। ରକ୍ଷଣାବେକ୍ଷଣ ଅଭାବରୁ ସାଇକେଲଗୁଡିକ କଳଙ୍କି ଲାଗିଯାଉଛି। ଅସଜଡ଼ା ଓ ପୁରୁଣା ସାଇକେଲଗୁଡିକର ଠିକଣା ପାଲଟିଛି କବାଡିଆ ଦୋକାନ। ଅସଜଡା ଭଙ୍ଗା ସାଇକେଲକୁ ଘର ମାଲିକ ଆଉ ସଜାଡ଼ି ସାଇତି ରଖୁ ନାହାନ୍ତି। ସେ ସବୁ ଗାଁକୁ ଆସୁଥିବା କବାଡିଆ ଦୋକାନୀଙ୍କୁ ଲୁହା ଓଜନ ଦରରେ ବିକ୍ରି କରି ଘରୁ ଅଳିଆ ଭଳି ହଟାଇ ଦେଉଥିବା ପରିଲକ୍ଷିତ ହେଉଛି। ସାଇକେଲ ସଂଖ୍ୟା କମିବା ଓ ଯନ୍ତ୍ରଚାଳିତ ଯାନ ସଂଖ୍ୟା ବଢିବା ଯୋଗୁ ସମାଜର ସ୍ଥିତି ଗୋଦରା ମାଡେ ଯେତେ କୋଡେ ସେତେ ଭଳି ସ୍ଥିତି ଉପୁଜୁଛି ।



ବିଜ୍ଞାନର ଅତ୍ୟାଧୁନିକ ଯୁଗରେ ମଣିଷ ଚାକଚକ୍ୟକୁ ଅଧିକ ପ୍ରାଧାନ୍ୟ ଦେଉଛି । ମଣିଷ ଘରକରଣା ଜିନିଷ ପାଇଁ ଯନ୍ତ୍ର ଚାଳିତ ସାମଗ୍ରୀକୁ ଚୟନ କରୁଛି । ପୁରୁଣା କାଳିଆ ଜନିଷ ଏବେ ସମସ୍ତଙ୍କ ପାଇଁ ଅଖୋଜା ଅଲୋଡା ହୋଇଯାଇଛି। ଗାଁ ଗହଳିର କେତେଜଣ ସ୍କୁଲ, କଲେଜ ପିଲା, ଚାଷୀ ଓ ଗାଁ ଗଣ୍ଡାର କିଛି ପରିବାରକୁ ଛାଡିଦେଲେ ସାଇକେଲ ଏବେ ଅନେକ ପରିବାରରେ ଦେଖିବାକୁ ମିଳୁ ନାହିଁ। ସାଇକେଲର ସ୍ଥାନ ନେଇଛି ମୋଟର ସାଇକେଲ। ଏପରିକି ଗୋଟିଏ ପରିବାରରେ ଏକାଧିକ ମୋଟର ସାଇକେଲ ବ୍ୟବହାର ହେଉଛି। ସାମାନ୍ୟ କାମ ପାଇଁ ବି ଖୋଜା ପଡୁଛି ବାଇକ୍। ମୋଟର ସାଇକେଲ ଓ କାର୍ ବ୍ୟବହାର କରୁଥିବା ଲୋକଙ୍କ ପାଇଁ ପାଦରେ ଚାଲିବା ଓ ସାଇକେଲ ବ୍ୟବହାର କରିବା ଯେମିତି ଅଘୋଷିତ ଭାବେ ନିଷିଦ୍ଧ ହୋଇଯାଇଛି। ମୋଟର ସାଇକେଲ ବହୁଳ ବ୍ୟବହାର ଓ ସମ ପରିମାଣରେ ସାଇକେଲ ବ୍ୟବହାର କମିଯିବା ଫଳରେ କାମ ସହଜ ହୋଇଛି ସତ କିନ୍ତୁ ଲୋକଙ୍କୁ ଅଳସୁଆ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ମୋଟର ସାଇକେଲର ବହୁଳ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ଢେର ବଢ଼ିଯାଇଛି। ସମାନ ଭାବରେ ବାଇକ୍ ବ୍ୟବହାରକାରୀଙ୍କ ଉପରେ ଆର୍ଥିକ ବୋଝ ବି ବଢୁଛି। ଏଭଳିସ୍ଥଳେ ଛକ ବଜାରରେ ସାଇକେଲ ମରାମତି ଦୋକାନ ଦେଖିବାକୁ ମିଳୁନାହିଁ । ବଦଳରେ ଗ୍ୟାରେଜ ସଂଖ୍ୟା ବଢି ବଢି ଚାଲିଛି। ସାଇକେଲ ମରାମତି କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କର ବେଉସା ବୁଡି ଯାଇଛି । ଏହି ବେପାରକୁ ଭରଷା କରି ଚଳୁଥିବା କାରିଗରମାନେ ଦିନ ମଜୁରିଆ ସାଜିଛନ୍ତି। ମୋଟର ସାଇକେଲ ଯିଦିଓ କିଛି ଯୁବକଙ୍କୁ ରୋଜଗାରର ପନ୍ଥା ଯୋଗାଇଛି, କିନ୍ତୁ ଏହା ଅଧ ସ୍ୱୀକାର କରିବାକୁ ହେବ ଯେ, ସାଇକେଲ ବ୍ୟବହାର ଦ୍ୱାରା ପରିବେଶ ଓ ମଣିଷ ଶାରୀରିକଭାବେ ଅଧିକ ସୁସ୍ଥ ରହୁଥିଲା। ପ୍ରତ୍ୟେକ ପରିବାର ନବଜାତ ପିଲାଙ୍କ ନାଁରେ ଗଛ ନ ଲଗାଇଲେ ସେମାନଙ୍କ ନାମ ପଞ୍ଜୀକରଣ ହେବନାହିଁ। ପରିବେଶକୁ ସୁସ୍ଥ ଓ ନିର୍ମଳ ରଖିବା ପାଇଁ ସରକାର ବନ ମହୋତ୍ସବ ସପ୍ତାହ ପାଳନ କରୁଛନ୍ତି। ବ୍ୟାପକ ବୃକ୍ଷରୋପଣ ପାଇଁ ସରକାର ଅର୍ଥ ବ୍ୟୟବରାଦ କରୁଛନ୍ତି। ମାତ୍ର ପ୍ରଦୂଷଣ କମ୍ କରିବାକୁ ସାଇକେଲ ବ୍ୟବହାରକାରୀଙ୍କୁ ଉତ୍ସାହିତ କରିବା ଦିଗରେ ସରକାରଙ୍କ ପକ୍ଷରୁ ସେଭଳି କୌଣସି କାର୍ଯ୍ୟକ୍ରମ କରାଯାଉ ନାହିଁ। ଏ ଦିଗରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯିବା ନେଇ ସାଧାରଣରେ ମତ ପ୍ରକାଶ ପାଉଛି। ଏହା ହେଲେ ଜନସାଧାରଣ ଓ ପରିବେଶ ଉଭୟର ମଙ୍ଗଳ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

**ସରିଆସୁଛି ସାଇକେଲ ଯୁଗ**
- ବୃଦ୍ଧି ପାଉଛି ମୋଟର ସାଇକେଲ ସଂଖ୍ୟା
- ଖତ ଖାଉଛି ସାଇକେଲ
- ଅଳସୁଆ ହେଉଛନ୍ତି ଲୋକ, ବଢୁଛି ପ୍ରଦୂଷଣ

## ଫେରାର ନାବାଳିକା, ନାବାଳକ ଉଦ୍ଧାର

**କାଳିଆପାଣି,୨୧ା୭(ଡି.ଏନ୍.ଏ)**

କାଳିଆପାଣି ଥାନା ଅଞ୍ଚଳରୁ ଫେରାର ନାବାଳିକା ଓ ନାବାଳକଙ୍କୁ ପୋଲିସ ଉଦ୍ଧାର କରିଛି। ରବିବାର ଉଭୟଙ୍କ ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ନାବାଳକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ସୋମବାର ତାଙ୍କୁ ଜୁଭେନାଲ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ଗତ ୧୪ ତାରିଖରେ ଉଭୟ ଘରୁ ଲୁଚି ଫେରାର ହୋଇଯାଇଥିଲେ। ଏ ନେଇ ପରବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ ୬୨/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଶନିବାର ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କାଠପାଳ ଗ୍ରାମରେ ଉଭୟ ରହିଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ନାବାଳିକା ଝିଅଙ୍କୁ ଉଦ୍ଧାର କରିଥିବା ବେଳେ ପୁଅ ଫେରାର ହୋଇଯାଇଥିଲା । ହେଲେ ରବିବାର ଉକ୍ତ ନାବାଳକ ଜଣଙ୍କ ନିଜ ଗ୍ରାମକୁ ଯାଉଥିବାବେଳେ କାଠପାଳ ରାସ୍ତାରୁ ପୋଲିସ ତାଙ୍କୁ ଗିରଫ କରିଥିଲା।

## ତେଲିଆ ଗ୍ରାମକୁ ନାହିଁ ପକ୍କା ରାସ୍ତା

**କୋରେଇ,୨୧ା୭(ସ୍ୱ.ପ୍ର.)**

ଜିଲା ମୁଖ୍ୟାଳୟଠାରୁ ୨୫ କି.ମି. ଓ ଜିଲା ପୋଲିସ ମୁଖ୍ୟାଳୟଠାରୁ ମାତ୍ର ୧୦ କି.ମି. ଦୂରରେ ଅବସ୍ଥିତ କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ତେଲିଆ ଗ୍ରାମ। ସ୍ୱାଧୀନତାର ୭୨ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଗ୍ରାମକୁ ପକ୍କା ରାସ୍ତାଟିଏ ନାହିଁ। ଗ୍ରାମର ୬୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ହେଲେ ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗର୍ଭବତୀ ମହିଳା ବର୍ଷାଦିନ ଆରମ୍ଭରୁ ଉକ୍ତ ଗ୍ରାମ ଛାଡ଼ି ନିଜର ବନ୍ଧୁ ବାନ୍ଧବଙ୍କ ଘରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ୧୬ ନଂ. ଜାତୀୟ ରାଜପଥଠାରୁ ମାତ୍ର ୩ କି.ମି. ଦୂରରେ ଅବସ୍ଥିତ ଏହି ଗ୍ରାମବାସୀଙ୍କ ପାଇଁ ରାସ୍ତା ହେଉଛି ମୁଖ୍ୟ ସମସ୍ୟା। ବିଶେଷକରି ବର୍ଷାଦିନେ ସ୍ଥାନୀୟ ପ୍ରାଥମିକ



ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ କମିଯାଏ। ପିଲାମାନେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ହୋଇ ଅଳ୍ପ ବୟସରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ଖଟିଆରେ ରୋଗୀ ବୁହାହୋଇ ଜାତୀୟ ରାଜପଥ ପର୍ଯ୍ୟନ୍ତ ଆସନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଜିଲାପାଳ ରାସ୍ତା ନିର୍ମାଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଏହା କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ରାସ୍ତା ନିର୍ମାଣ ଲାଗି କୋରେଇର ପୂର୍ବତନ ବିଧାୟକ ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ମସୁଦପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗତ ମାର୍ଚ୍ଚ ୨ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଅଦ୍ୟାବଧି କାମ ଆରମ୍ଭ ହୋଇନାହିଁ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିୟୋଗରେ ଶୋକସଭା

**ଧର୍ମଶାଳା,୨୧ା୭(ଡି.ଏନ୍.ଏ.)**

ପୂର୍ବତନ ଦିଲ୍ଲୀ ମୁଖ୍ୟନ୍ତ୍ରୀ ଶିଲା ଦିକ୍ଷୀତଙ୍କ ବିୟୋଗରେ ଶନିବାର ସନ୍ଧ୍ୟାରେ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ଯୁବ କଂଗ୍ରେସ ସଭାପତି ଅଖିଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଯାଇଛି। । ବ୍ଲକ ପୂର୍ବତନ ଅଧ୍ୟକ୍ଷ କିଷାନ ପଣ୍ଡାଙ୍କ ନେତୃତ୍ୱରେ ସଭାରେ ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ସଭାପତି ସୁଧାକର ରାଉତ, ପ୍ରଫୁଲ୍ଲ କୁମାର ରାୟ, ରବୀନ୍ଦ୍ର କୁମାର ନାୟକ, ସୁବୋଧ କୁମାର ସାମଲ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡା, ଜିଲା ସାଧାରଣ ସମ୍ପାଦକ ମିହିର କୁମାର ଖୁଣ୍ଟିଆ, ଜିଲା ମହିଳା ଉପସଭାନେତ୍ରୀ ମିଲି ମଲିକ, ପ୍ରମୋଦ କୁମାର ଜେନା ପ୍ରମୁଖ ଶୋକ ସଭାରେ ଯୋଗଦେଇଥିଲେ। ଧର୍ମଶାଳା ପୂର୍ବତନ ବିଧାୟକ କାଙ୍ଗାଳୀ ଚରଣ ପଣ୍ଡା ଶୋକ ବ୍ୟକ୍ତ କରିଛନ୍ତି।

## ଜଣେ ଶିକ୍ଷୟିତ୍ରୀରେ ଚାଲିଛି ବିଦ୍ୟାଳୟ

**ବରୀ,୨୧ା୭(ସ୍ୱ.ପ୍ର)**

ବରୀ ନିର୍ବାଚନ ମଣ୍ଡଳୀ ଅଧୀନ ସୁଜନପୁରଠାରେ ୨୦୦୫ରୁ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଛି। ଏହି ବିଦ୍ୟାଳୟଟି ଅବହେଳିତ ଅବସ୍ଥା ମଧ୍ୟରେ ଗତି କରୁଥିବାବେଳେ ବିଧାୟିକା ସୁନନ୍ଦା ଦାସ ବୁଧବାର ପରିଦର୍ଶନ କରି କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଆବାସିକ ବିଦ୍ୟାଳୟ ୧୧୨ଜଣ ଛାତ୍ରୀ ଦୂରଦୁରାନ୍ତରୁ ଆସି ପାଠ ପଢୁଥିବା ଜଣାପଡ଼ିଛି। ସେମାନଙ୍କ ପାଇଁ ଶୌଚାଳୟ, ପାଠାଗାର, ଶ୍ରେଣୀ କକ୍ଷ ନ ଥିବାରୁ ବିଦ୍ୟାଳୟର ଅଗ୍ରଗତି ହୋଇପାରୁ ନାହିଁ। ଜଣେ ମାତ୍ର ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ଷଷ୍ଠରୁ ଅଷ୍ଟମ ଯାଏ ଛାତ୍ରୀମାନେ ଏଠାରେ ରହି ଅଧ୍ୟୟନ କରୁଛନ୍ତି। ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିଥିଲାବେଳେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ରହିଛି। ଶିକ୍ଷକ ଅଭାବ ଯୋଗୁ ଏହି ବିଦ୍ୟାଳୟର ଛାତ୍ରୀମାନେ ରୁଦ୍ରଚରଣ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ଜଣାପଡ଼ିଛି। ସ୍ଥାୟୀ ପାଚେରୀ ଓ ଖେଳ ପଡ଼ିଆର ସୌନ୍ଦର୍ଯ୍ୟକରଣ ପାଇଁ ବିଧାୟିକାଙ୍କ ନିକଟରେ ଦାବି କରାଯାଇଛି। ଏସବୁ ସମସ୍ୟାକୁ ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟିକା ଦାସ ପ୍ରତିଶ୍ରୁତି ଦେଇଛନ୍ତି।

## ଶୁଖିଲାଣି ଧାନତଳି, ଚାଷୀ ମୁଣ୍ଡରେ ଚଡ଼କ



**ସିଂହପୁର,୨୧ା୭(ଡି.ଏନ୍.ଏ.)**

ଶ୍ରାବଣ ମାସରେ ଜମି ଫାଟି ଆଁ କଲାଣି। ଧାନତଳି ଶୁଖିଗଲାଣି। ଚାଷଜମିରେ ଗୋରୁ ଚରୁଛନ୍ତି। ଜମିର ଏପରି ଅବସ୍ଥା ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସିଂହପୁର ଅଞ୍ଚଳରେ ଭୟଙ୍କର ମରୁଡିର ପଦଧ୍ୱନୀ ଶୁଭିଲାଣି। ବର୍ଷା ନ ହେବାରୁ ଚାଷୀକୁଳ ହତାଶ ହୋଇପଡିଲେଣି। ଏହି ଅଞ୍ଚଳରେ କେନାଲ ବ୍ୟବସ୍ଥା ନ ଥିବାରୁ ଚାଷ ପାଇଁ ବର୍ଷା ଓ ବନ୍ୟାପାଣି ଉପରେ ନିର୍ଭର କରିବାକୁ ପଡେ। ପ୍ରକୃତି ଦାଉ ସାଧୁ ଥିବାରୁ ତଳି ଶୁଖିଗଲାଣି। ଜୁଲାଇ ପ୍ରଥମ ସପ୍ତାହରେ ଧାନରୁଆ, ବେଉଷଣ କାମ ସରିବା କଥା। ଅଥଚ ଚାଷଜମି ଫାଟି ଆଁ କରିଥିବାରୁ ଫସଲ ଉଜୁଡିଯିବା ଆଶଙ୍କା ରହିଛି। ସିଂହପୁର ଅଞ୍ଚଳର ଚାଷୀ ଗୋପାଳ ପ୍ରଧାନ, ଅଶୋକ ଧଳ, ବିଷ୍ଣୁ ଜେନା, ପଦ୍ମନାଭ ସାହୁ, ନିଳନ ସାହୁ, ବିଶ୍ୱନାଥ ବେହେରା, ସନାତନ ସାମଲ, କ୍ଷେତ୍ରବାସୀ ଜେନା, ପୁରୁଷୋତ୍ତମ ସାହୁ, ରଞ୍ଜନ ମଲିକ ପ୍ରମୁଖ ଚାଷୀଙ୍କ ଧାନତଳି ଶୁଖିଯିବାରୁ ଏବର୍ଷ ଫସଲ ନଷ୍ଟ ହେବ ବୋଲି ପରିତାପରେ କହିଛନ୍ତି। ଏପରିକି କେତେଜଣ ଧାର ଉଦ୍ଧାର କରି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ।

## ■ ଦୁର୍ଘଟଣାରେ ଡାଟା ଏଣ୍ଟ୍ରି ଅପରେଟରଙ୍କ ମୃତ୍ୟୁ ଘଟଣା
# ମୁଖ୍ୟ ଅଭିଯୁକ୍ତ ସହ ୨ କୋର୍ଟ ଚାଲାଣ

**ସୁକିନ୍ଦା, ୨୧ା୭(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟରଙ୍କ ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟଣାରେ ପୋଲିସ ପର୍ଦ୍ଦାଫାସ କରିଛି। ପ୍ରେମ ସମ୍ପର୍କକୁ ନେଇ ଯୋଜନା ବଦ୍ଧଭାବେ ଏହି ହତ୍ୟା କାଣ୍ଡ କରାଯାଇଥିବା ରବିବାର ସୁକିନ୍ଦା ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନିରେ କଳିଙ୍ଗନଗର ଅତିରିକ୍ତ ଏଏସ୍‌ପି ରାଜକିଶୋର ଦୋରା ଓ ସୁକିନ୍ଦାଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀ ସୂଚନା ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ସହଯୋଗୀଙ୍କୁ ଗିରଫ କରାଯାଇଛି।



ଗିରଫ ଅଭିଯୁକ୍ତ।

ଗିରଫ ମୁଖ୍ୟ ଅଭିଯୁକ୍ତ ତଥା ଗାଡି ଡ୍ରାଇଭର ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତ ଗନ୍ଧାପାଳ ଗ୍ରାମର ରଞ୍ଜନ ସେଠୀ(୨୮), ଗନ୍ଧାପାଳ ଗ୍ରାମର ଚିନ୍ମୟ ମହାକୁଡ (୨୮) ଓ ସତ୍ୟଜିତ ନାୟକ(ପଞ୍ଚୁଆ)। ଶନିବାର ରଞ୍ଜନଙ୍କୁ ଅନୁଗୋଳ ଜିଲାର ଉଲ୍ଲିରିସିଙ୍ଗାରୁ ଗିରଫ ପରେ ଅନ୍ୟମାନଙ୍କୁ ଗିରଫ କରାଯାଥିଲା। ଏ ନେଇ ଏକ ମାମଲା (ନଂ. ୧୭୭/୧୯) ଦଫା ୩୦୨,୧୨୦(ବି)୩୪ ଆଇପିସି ଧାରା ଅନୁସାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡି ସବ୍ ଜେଲ୍‌କୁ ପଠାଯାଇଛି।

ସୁକିନ୍ଦା ବ୍ଲକ ଦାମୋଦରପୁର ଗ୍ରାମର ଅଶୋକ ସାହୁ ବ୍ଲକରେ ଡାଟା ଏଣ୍ଟ୍ରୀ ଅପରେଟର ଭାବେ କାମ କରୁଥିଲେ। ଗତ ବୁଧବାର ସକାଳେ ମଙ୍ଗଳପୁର ଦେହୁରୀସାହି ଟସର ଫାର୍ମ ନିକଟରେ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିଲେ। ଏହାପରେ ଥାନା ଅଧିକାରୀ ଓ ଓଆଇସି ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ରଞ୍ଜନଙ୍କୁ ଗିରଫ କରିଥିଲେ। ତଦନ୍ତ ବେଳେ ଅଶୋକ ସହିତ ତାଙ୍କ ସ୍ତ୍ରୀଙ୍କ ପ୍ରେମ ସମ୍ପର୍କ ଥିବାରୁ ସହଯୋଗୀଙ୍କ ସହ ମିଶି ତାଙ୍କୁ ହତ୍ୟା କରିଥିବା ରଞ୍ଜନ ସ୍ୱୀକାର କରିଥିଲା। ପ୍ରକାଶ ଯେ, ଯୋଜନା ମୁତାବକ ବୁଧବାର ସକାଳେ ଅଶୋକ ବ୍ଲକ କାର୍ଯ୍ୟାଳୟକୁ ବାହାରିଲା ପରେ ଚିନ୍ମୟ ଓ ସତ୍ୟଜିତ୍ ରଞ୍ଜନଙ୍କୁ ଖବର ଦେଇଥିଲେ। ଏହାପରେ ଯୋଜନା ଅନୁସାରେ ରଞ୍ଜନ ମଙ୍ଗଳପୁର ଦେହୁରିସାହି ନିକଟରେ ଅଶୋକଙ୍କୁ ଗାଡିଚଲାଇ ମାରିଦେଇଥିଲା। ଏହାପରେ କଛିବାଟ ଦୂର ଜଙ୍ଗଲରେ ଗାଡି ଛାଡି ପଳାଇଥିଲା ବୋଲି ପୋଲିସ କହିଛି।

## ଖଣି ଅଞ୍ଚଳରେ ଅର୍ଥନୈତିକ ଅବରୋଧକୁ ନିନ୍ଦା

**ଡୁବୁରୀ,୨୧ା୭(ଡି.ଏନ୍.ଏ.)**

ସୁକିନ୍ଦା କାଳିଆପଣି ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂକୁ ନେଇ ଚାଲିଥିବା ଅର୍ଥନୈତିକ ଅବରୋଧକୁ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ନିନ୍ଦା କରିଛି। ୨୦୦୯ରୁ କ୍ରୋମାଇଟ ପରିବହନ କ୍ଷେତ୍ରରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସଂଘ ପକ୍ଷରୁ କଡ଼ାକଡି ଭାବେ ପାଳିତ ହୋଇଆସୁଛି। କିନ୍ତୁ କେତେଜଣ ମୁଷ୍ଟିମେୟ ଟ୍ରକ୍ ମାଲିକ ଉଦ୍ଦେଶ୍ୟମୂଳକଭାବେ ଶୁକ୍ରବାରଠାରୁ ଅର୍ଥନୈତିକ ଅବରୋଧ କରିଛନ୍ତି। ଫଳରେ ଖଣି ଅଞ୍ଚଳରେ ଅଚଳାଅବସ୍ଥା ଜାରି ରହିଛି ବୋଲି ରବିବାର ଡୁବୁରୀସ୍ଥିତ ଶିବ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ସଂଘ ଅଭିଯୋଗ କରିଛି। ଏଥିରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂକୁ ନେଇ ସୁକିନ୍ଦା ଅଞ୍ଚଳର ସମସ୍ତ ଟ୍ରକ୍ ମାଲିକଙ୍କୁ ପରିଚୟ ପତ୍ର ଦିଆଯିବାର ବ୍ୟବସ୍ଥା କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୭୦ ଟ୍ରକ୍ ମାଲିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି । କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ରଖି କେତେଜଣ ଗାଡି ମାଲିକ ପରିଚୟପତ୍ର ହାସଲ କରି ମଧ ଅର୍ଥନୈତିକ ଅବରୋଧ କରିଛନ୍ତି। ସେମାନଙ୍କ ନାମରେ ସଂଘ ପକ୍ଷରୁ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଥିଲେ ବି ପୋଲିସ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ସୁକିନ୍ଦାର ସମସ୍ତ ଟ୍ରକ୍ ମାଲିକ ସୁକିନ୍ଦା ଟ୍ରକ୍ ମାଲିକ ସଂଘ ସହିତ ଏକାଠି ହୋଇ ନିଜ ହକ୍ ପାଇଁ ଆଗେଇ ଆସିବାକୁ ସଂଘ ଆହ୍ୱାନ ଦେଇଛି। ଏଥିସହ ଖଣିଜ ଦ୍ରବ୍ୟ ବୋଝେଇ ଟ୍ରକ୍‌କୁ ଅଟକାଉଥିବା ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ କରାଯିବାକୁ ମତ ପ୍ରକାଶ ପାଇଛି। ସଂଘ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ସୁକିନ୍ଦା ଟ୍ରକ୍ ମାଲିକ ସଂଘ ଆବାହକ ଅମଳେନ୍ଦୁ ବେହୁରା, ସଭାପତି ବିଦ୍ୟାଧର ପାତ୍ର, ଉପସଭାପତି ବିଜୟ କୁମାର ରାଜ, ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତିଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘ ଉପଦେଷ୍ଟା ପ୍ରଫୁଲ୍ଲ ଘଡେଇଙ୍କ ସହ ଅନ୍ୟମାନେ।

**ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ**

# ବାଲିମୟ ହେଲାଣି ସହର, ଲୋକେ ଅତିଷ୍ଠ

**ଯାଜପୁରଟାଉନ,୨୧ା୭(ଡିଏନଏ)**

ଯାଜପୁର ସହର ରାସ୍ତା ଏବେ ସମ୍ପୂର୍ଣ୍ଣ ବାଲିମୟ। ଏଥିପାଇଁ ପ୍ରାୟ ସବୁ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଚୋରା ବାଲି ଚାଲାଣକାରୀମାନେ ରାତି ସାରା ବାଲି ଉଠାଇ ଟ୍ରାକ୍ଟର ମାଧ୍ୟମରେ ଚାଲାଣ କରୁଛନ୍ତି। ଫଳରେ ଗୋଟିଏ ପଯେ ରାଜସ୍ୱ ହାନୀ ହେଉଥିବାବେଳେ ଟ୍ରାକ୍ଟର ଶବ୍ଦରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଲେଣି। ଏନେଇ ଯାଜପୁର ଜିଲାପାଳଙ୍କଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଉଥିଲେ ହେଁ ଚୋରା ବାଲି ଚାଲାଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବେଳେବେଳେ ତହସିଲଦାର ଲୋକଙ୍କ ଅଭିଯୋଗ ଶୁଣିବା ପରେ କିଛି ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଧରି ଅଳ୍ପ ଜରିମାନା ଆଦାୟ କରିବା ପରେ ଛାଡିଦେଇଥାନ୍ତି। ଫଳରେ ବାଲି ମାଫିଆମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଚୋରାବାଲି ସହର ସାରା ଚାଲାଣ କରୁଛନ୍ତି।

**ଚୋରା ବାଲି ଚାଲାଣ**
- ଅଭିଯୋଗ କରି ହତାଶ ଲୋକେ
- ତହସିଲଦାର ନୀରବ
- ଦ୍ରୁତ ଗାଡ଼ି ଚଳାଚଳ ଯୋଗୁ ବଢୁଛି ଦୁର୍ଘଟଣା ଆଶଙ୍କା

ସ୍ଥାନୀୟ ତହସିଲ କାର୍ଯ୍ୟାଳୟର ଅନତି ଦୂର ବୈତରଣୀ ନଦୀପଠାରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ୍ ବାଲି ଥାନା ଏବଂ ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖ ଦେଇ ସହର ଏବଂ ଆଖପାଖ ଅଞ୍ଚଳରେ ଚଳାଚଳ କରିଥାଏ। ଏହି ବାଲି ଚାଲାଣ ପ୍ରାୟ ରାତି ୧୧ଟାରୁ ଆରମ୍ଭ ହୋଇ ସକାଳ ୯ଟା ପର୍ଯ୍ୟନ୍ତ ଚାଲିଥାଏ। ଟ୍ରାକ୍ଟରଗୁଡିକ ଗୁରୁଗର୍ଜନ କରି ଦ୍ରୁତ ଗତିରେ ଯାତାୟାତ କରିବା ଯୋଗୁ ରାତିରେ ଲୋକେ ଶାନ୍ତିରେ ଶୋଇ ପାରୁନାହାନ୍ତି। ଯାଜପୁର ପୌରାଞ୍ଚଳର ପ୍ରାୟ ସମସ୍ତ ଡ୍ରେନରେ ଫୁଟେ ଉଚ୍ଚର ବାଲି ଜମି ରହୁଛି। ବଲ୍ଲଭିଘାଟ ବରାହ ମନ୍ଦିର ପଛପଟ ନଦୀଶଯ୍ୟାରୁ ବିନା ଲିଜରେ ମାଫିଆମାନେ ବାଲି ଉଠାଇ ଚାଲିଛନ୍ତି। ବରାହନାଥ ମନ୍ଦିର, ଦଶାଶ୍ୱମେଧ ଘାଟ ଓ ସୂର୍ଯ୍ୟମନ୍ଦିରକୁ ପ୍ରତିଦିନ ପର୍ଯ୍ୟଟକମାନେ ଆସୁଥିବାବେଳେ ବାରୁଣୀ ପଡ଼ିଆରେ ଥିବା ମହାଶ୍ମଶାନକୁ ଅନେକ ପବିତ୍ର ସ୍ଥାନ ମନେକରି ସେଠାରେ ନିଜ ପରିଜନଙ୍କ ଶବ ସତ୍କାର କରିଥାନ୍ତି। ଏବେ ସେହି ରାସ୍ତା ଓ ବରାହ ସେତୁ ଉପରେ ବାଲି ଜମିଛି। ଏହା ବ୍ୟତୀତ ଉପକଣ୍ଠ ପଣସା ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମରେ ଶତାଧିକ ପରିବାର ବସବାସ କରିଥାନ୍ତି। ଗାଁରୁ ଯାଜପୁର ସହରକୁ ଲମ୍ବିଥିବା କଂକ୍ରିଟ ରାସ୍ତାରେ ପ୍ରବଳ ବାଲି ଜମିଥିବାରୁ ସାଧାରଣ ଲୋକେ ମୋଟର ସାଇକେଲରେ ଯିବାଆସିବା କରିବାକୁ ଭୟ କଲେଣି। ଏହା ସହିତ ଅଧିକ ଟ୍ରିପ୍ କରିବା ଲକ୍ଷ୍ୟରେ ଦ୍ରୁତଭାବେ ଗାଡି ଚଳାଚଳ କରିବା ଯୋଗୁ ପ୍ରତି ମୂହୁର୍ତ୍ତରେ ଦୁର୍ଘଟଣାର ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅଞ୍ଚଳବାସୀ ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କରୁଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ ନ କରାଯିବା ସମସ୍ତଙ୍କୁ ଚକିତ କରିଛି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ସୁନୀଲ କୁମାର ମେହେରଙ୍କୁ ପଚାରିବାରେ, ଚୋରାବାଲି ଚାଲାଣ ହେଉଥିବାକୁ ସ୍ୱୀକାର କରିବା ସହ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଚଢ଼ାଉ କରାଯାଇପାରୁ ନାହିଁ। କିନ୍ତୁ ଖୁବ୍ ଶୀଘ୍ର ଚୋରା ବାଲି ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୨୨/୨୦୧୯ Bhubaneswar, Monday, July 22/2019

# ଫିଙ୍ଗାଯାଉଛି ବିପୁଳ ଔଷଧ

ଏରସମା,୨୧।୭(ସ୍ୱ.ପ୍ର.)

ଏରସମା ବ୍ଲକ ସଦରମହକୁମାସ୍ଥିତ ପ୍ରାଣୀ ଚିକିତ୍ସାଳୟ ପାଚେରି ବାହାରେ ପଡିଛି ବିପୁଳ ପରିମାଣର ଏକ୍ସପାଏରୀ ଔଷଧ। ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ବେଳେ ଔଷଧ ଦିଆଯା ନ ଯାଇ ଏସବୁ ନଷ୍ଟ ହୋଇଯିବା ପରେ ବାହାରେ ଫିଙ୍ଗିଦିଆଯାଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏରସମା ପ୍ରାଣୀ ଚିକିତ୍ସାଳୟ ଅଧୀନରେ ୯ଟି ପ୍ରାଣୀ ସହାୟକ କେନ୍ଦ୍ର ରହିଛି। ସେଥିମଧ୍ୟରୁ କୁଞ୍ଜକୋଠି, ବାଲିତୁଠ, ଗୋବିନ୍ଦପୁର, ପଞ୍ଚପଲୀ, ହାଜିପୁର, ମଲ୍ଲିପୁର, କିଆଡିଗ୍ରୀ ପ୍ରାଣୀ ସହାୟକ କେନ୍ଦ୍ରରେ ଲାଇଫ ଷ୍ଟକ ଇନ୍ସପେକ୍ଟର (ଏଲଆଇ)ଙ୍କୁ ନିଯୁକ୍ତି ଦିଆଯାଇଛି। ବ୍ଲକ ସଦରମହକୁମାରେ ୨ ଜଣ ଏଭିଏଏସ ଡା. ସୁନିତା ବେହେରା ଓ ଡା. ଲୋପାମୁଦ୍ରା ରାୟ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ କେନ୍ଦ୍ର ତଦାରଖ ପାଇଁ ବ୍ଲକ ଭେଟେରେନାରୀ ଅଫିସର (ବିଭିଓ) ଭାବେ ଡା.ପରମାନନ୍ଦ ସେଠୀ କାର୍ଯ୍ୟ କରୁଛନ୍ତି। ଚଟୁଆ ଓ ଗୋଡ଼ା ସହାୟକ କେନ୍ଦ୍ରରେ ଏଲଆଇ ପଦବୀ ଖାଲିପଡିଛି।

ଏରସମା ପ୍ରାଣୀ ଚିକିତ୍ସାଳୟ


ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଚେରି ପାର୍ଶ୍ୱରେ ପଡ଼ିଥିବା ଔଷଧ।

ସେହି ୨ଟି କେନ୍ଦ୍ର ଯଥାକ୍ରମେ କୁଞ୍ଜକୋଠି ଓ ପଞ୍ଚପଲୀ ଅଧୀନରେ କାର୍ଯ୍ୟ କରୁଛି। ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଏଭିଏଏସ ଓ ପ୍ରାଣୀ ସହାୟକ କେନ୍ଦ୍ରର ଏଲଆଇମାନଙ୍କ ଦ୍ୱାରା କମ୍ ଖର୍ଚ୍ଚରେ ଔଷଧ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ଔଷଧଗୁଡିକର ନାମ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତାଲିକା ଝୁଲାଇବାର ମଧ୍ୟ ନିୟମ ରହିଛି। କିନ୍ତୁ ପରିତାପର ବିଷୟ ଏସବୁ ନିୟମ କାର୍ଯ୍ୟକାରୀ କରାଯାଉନି। ଏରସମା ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଚେରି ନିକଟରେ ବହୁ ଏକ୍ସପାରୀ ଔଷଧ ପଡିଥିବା ଦେଖାଯାଇଛି। ଏ ସମ୍ପର୍କରେ ବିଭିଓ ସେଠୀଙ୍କୁ ପଚାରିବାରେ ସେ କହିଲେ ଯେ, ଜିଲା ଅଧିକାରୀମାନେ ପରିଦର୍ଶନରେ ଆସିଥିଲେ। ସେମାନେ ଏକ ଘର ସଫା କରି ବାରଣ୍ଡାରେ ବସୁଥିବା ୨ ଜଣ ଏଭିଏଏସଙ୍କୁ ସେଠାରେ ବସିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ପିଅନ ଘର ସଫା କରି କିଛି ଏକ୍ସପାଏରୀ ଔଷଧ ସେଠାରେ ପକାଇଦେଇଛି। ମୁଁ ତାହା ସଫା କରିଦେବି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଡକାୟତି ଅଭିଯୋଗରେ ୩ କୋର୍ଟଚାଲାଣ

**ନାଉଗାଁ,୨୧।୭(ସ୍ୱ.ପ୍ର.):** ଡକାୟତି ଯୋଜନା କରୁଥିବାବେଳେ ପୋଲିସ ହାତରେ ଧରାପଡିଥିବା ୩ ଜଣ ଅଭିଯୁକ୍ତଙ୍କୁ ଶନିବାର ନାଉଗାଁ ପୋଲିସ କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କରଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱର ବାରଙ୍ଗ ଥାନା ଅଞ୍ଚଳରେ ନିଆଳି ବ୍ଲକ କପାସିର ଆଶୋକ ସ୍ୱାଇଁ ଓରଫ ଆସୁ, ଦିନସିଂପାଟଣାର ଅଜିତ ସିଂ ଓରଫ ବିକି, ନାଉଗାଁ ବ୍ଲକ ଗଙ୍ଗଦାହାଟ ଗୋବରୀକୂଳ ଗ୍ରାମର ମୁକେଶ ସ୍ୱାଇଁ ଓରଫ ମୁକୁ ଡକାୟତି କରୁଥିବାବେଳେ ବାରଙ୍ଗ ପୋଲିସ ହାତରେ ଧରାପଡିଥିଲେ। ସେମାନଙ୍କୁ ଶନିବାର ନାଉଗାଁ ଥାନାକୁ ଅଣାଯାଇ ବିଭିନ୍ନ ମାମଲା ବିଷୟରେ ପଚରାଉଚରା କରାଯାଇଥିଲା। ସେମାନଙ୍କ ନାମରେ କାକଟପୁର, ନିଆଳି, ନାଉଗାଁ ଆଦି ଥାନାରେ ୧୪ ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। କିଛିଦିନ ତଳେ ତିରୁଣା ପଞ୍ଚାୟତର ତିରୁଣା-ଡାବର ରାସ୍ତାରେ ୧ ଲକ୍ଷ ୩୦ହଜାର ଟଙ୍କା ଲୁଟ ଘଟଣାରେ ଏମାନଙ୍କ ସମ୍ପୃକ୍ତି ଥିବା ଜଣାଯାଇଛି। ଏନେଇ କେସ୍ ନଂ. ୧୦୮/୧୯ ରୁଜୁ ହୋଇଛି।

### ପଲ୍ଲୀ ବିକାଶ ପକ୍ଷରୁ ଧାନ ବିହନ ବଣ୍ଟନ

**ନାଉଗାଁ,୨୧।୭(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ବୋଦଳ ଗ୍ରାମରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ବିକାଶ ପକ୍ଷରୁ ଶନିବାର ଚାଷୀଙ୍କୁ ମାଗଣା ଧାନ ବିହନ ବଣ୍ଟନ କରାଯାଇଛି। ଏହି ବ୍ଲକର ଡାବର, ଗଙ୍ଗଦା, କୋରଣିଆ, ଡେରିକି, ଶିଖର ଆଦି ଗ୍ରାମର ଚାଷୀଙ୍କୁ ବିହନ ପ୍ରଦାନ କରାଯାଇଛି। ଏଥିସହ ଜଗତ୍‌ସିଂହପୁର, ବିରିଡ଼ି, ରଘୁନାଥପୁର ବ୍ଲକରେ ମଧ ଏହି ଧାନ ବିହନ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ତଦାରଖ କରିଥିଲେ। ବାବାଜୀ ଚରଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ

**ବାଲିକୁଦା,୨୧।୭(ସ୍ୱ.ପ୍ର.):** ଅବକାରୀ ବିଭାଗ ପକ୍ଷରୁ ବାଲିକୁଦା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଚଢ଼ାଉ କରାଯାଇଛି। ଏହି ସମୟରେ ଚୋରା ମଦ ଜବତ କରାଯିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଅନନ୍ତପୁର ଗାଁର ଅକ୍ରୁର କାଣ୍ଡି, କୁଶୁପୁର ପଞ୍ଚାୟତର ବିଜୟ ପାଇଟାଳ। ଏମାନେ ଚୋରାମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। ଅକ୍ରୁରଙ୍କ ଘରୁ ୩ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରାଯାଇଥିବାବେଳେ ବିଜୟଙ୍କ ତେନ୍ତୁଳିବେଲାରୀ ହାଟରେ ଥିବା ଚା' ଦୋକାନରୁ ୨ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରାଯାଇଛି। ଏଥିସହିତ ଅବକାରୀ ବିଭାଗ ମାଛଗାଁ, ବୋରିକିନା ଆଦି ଅଞ୍ଚଳରେ ଚଢାଉ ଜାରି ରଖିଛି।


ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଅତିଥି।

# ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

ଜଗତ୍‌ସିଂହପୁର ଅଫିସ,୨୧।୭

ବଡ଼ବଜାରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜଗତ୍‌ସିଂହପୁରର ଗର୍ବ ଓ ଗୌରବ ରମା ଦେବୀଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଛି। ସଂଗ୍ରାମୀ ମାଧବାନନ୍ଦ ମନୋହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ମହାରଣା, ଗୌରାଙ୍ଗ ଚରଣ ହୋତା, ଆଇନଜୀବୀ ମୁରଲୀଧର ସାହୁ, ଖବରଦାତା ଶଶାଙ୍କଶେଖର ପଣ୍ଡା, ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ, ଦ୍ୱାରିକାନାଥ ମହାପାତ୍ର ଓ ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ଯୋଗଦେଇ ରମା ଦେବୀଙ୍କ ତ୍ୟାଗ, ଜୀବନ ଦର୍ଶନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଯେତେବେଳେ ନାରୀ ଚାରି କାନ୍ଥ ଭିତରେ ସୀମିତ ଥିଲା, ସେତେବେଳେ ସେ ଦେଶ ପାଇଁ ପାଦ କାଢିଥିଲେ। ନିଜର ସମସ୍ତ ଶୁଖ, ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରି ଶେଷ ପର୍ଯ୍ୟନ୍ତ ଦେଶ ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ଆଜିର ନାରୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା।


କେନାଲ ପରିଦର୍ଶନରେ ଆସିଥିବା ମୁଖ୍ୟଯନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀ।

## କ୍ୱାଲିଟି କଣ୍ଟ୍ରୋଲର ମୁଖ୍ୟଯନ୍ତ୍ରୀଙ୍କ କେନାଲ ପରିଦର୍ଶନ

# ତଳମୁଣ୍ଡରେ ପାଣି ପହଞ୍ଚାଇବାକୁ ଗୁରୁତ୍ୱ

ବିରିଡି,୨୧।୭(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ କ୍ୱାଲିଟି କଣ୍ଟ୍ରୋଲର ମୁଖ୍ୟଯନ୍ତ୍ରୀ ରଞ୍ଜନ କୁମାର ନାୟକ ରବିବାର ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅନ୍ତର୍ଗତ ବିଲୁଆଖାଇ କେନାଲ ସବଡିଭିଜନର ବିଭିନ୍ନ କେନାଲ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଜଗତ୍‌ସିଂହପୁର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଉମାକାନ୍ତ ମହାନ୍ତି, ବିଲୁଆଖାଇ କେନାଲ ସବଡିଭିଜନ ବାଲିଆର ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ ଉପସ୍ଥିତ ଥିଲେ। ମୁଖ୍ୟଯନ୍ତ୍ରୀ ନାୟକ ପ୍ରଥମେ କଇଜଙ୍ଗାଠାରେ ବାହାରିଥିବା ୨ ନଂ କେନାଲ, ହାଜିପୁର ମାଇନର କେନାଲ, ୪ନଂ କେନାଲ, ୫ନଂ କେନାଲ ସହ ୨୨ ମୌଜା ଶଙ୍ଖାରିସାହି ସେକ୍ସନର ବାଗଲପୁର ଡିଷ୍ଟ୍ରିବ୍ୟୁଟାରି ବୁଲି ଦେଖିବା ସହ ବିଲୁଆଖାଇ ସାଇଫନ ପରିଦର୍ଶନ କରିଥିଲେ। ଦଳ ଓ ଘାସ ଭର୍ତ୍ତି କେନାଲଗୁଡିକ ତୁରନ୍ତ ସଫା କରିବା ପାଇଁ ପାଣି ପଞ୍ଚାୟତଗୁଡିକୁ ତତ୍ପର କରିବା ପାଇଁ ପରାମର୍ଶ ଦେଇଥିଲେ। ମାଛଗାଁ କେନାଲକୁ ଗତବର୍ଷ ଏଡିବି ସହାୟତାରେ ୩ଟି ରିଚ୍ କରାଯାଇ ପୁନରୁଦ୍ଧାର କରାଯାଇଥିଲା। ହେଲେ ସମ୍ପୃକ୍ତ ଠିକାଦାର କାର୍ଯ୍ୟ ଅଧାରେ ଛାଡ଼ି ଦେଇଥିଲେ। ଫଳରେ କେନାଲର ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଉକ୍ତ କେନାଲରେ ଠିକ ଭାବରେ ତଳମୁଣ୍ଡକୁ ଜଳପ୍ରବାହ ହୋଇପାରୁନି। ତେଣୁ ଖରିଫ ଋତୁ ପାଇଁ ଯେପରି ମାଛଗାଁ ପର୍ଯ୍ୟନ୍ତ କେନାଲରେ ପାଣିଯିବ ସେଥିପାଇଁ ରୋଟେସନ କରି ପାଣି ଛାଡିବାକୁ ଉଭୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ମୁଖ୍ୟଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଖରିଫ ଧାନ ଚାଷ ପାଇଁ ପାଣି ଯୋଗାଣ ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ସେକ୍ସନରେ ଯନ୍ତ୍ରୀମାନେ ଉପସ୍ଥିତ ରହି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ।

## ପରିବେଶ ସୁରକ୍ଷା ବକ୍ତୃତା ପ୍ରତିଯୋଗିତା

ପାରାଦୀପ,୨୧।୭(ସ୍ୱ.ପ୍ର.)

ପାରାଦୀପ ନୂଆବଜାର ସ୍ଥିତ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସାହିତ୍ୟ ଓ ପରିବେଶ ଚେତନା ସଙ୍ଗଠନ ସୂର୍ଯ୍ୟମୁଖିର ୨୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପାରାଦୀପର ପରିବେଶ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ କୃଷି ଉପରେ ଏହାର ପ୍ରଭାବ, ଜନସଂଖ୍ୟା ବୃଦ୍ଧି ଓ ତାହାର ପ୍ରତିକାର, ସ୍ୱଚ୍ଛ ଭାରତର ଆବଶ୍ୟକତା ଉପରେ ଛାତ୍ରୀଛାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଚାରକ ଭାବେ ଅଧ୍ୟାପକ ବ୍ରହ୍ମାନନ୍ଦ ବିଶ୍ୱାଳ, ଡା. ଦେବଦତ୍ତ ସାମନ୍ତରାୟ, ବିଜ୍ଞାନ ଶିକ୍ଷକ ରୋହିତ କୁମାର ମହାପାତ୍ର, ତୃପ୍ତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର ସମ୍ପାଦିକା ହାରାମଣି ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**କୁଜଙ୍ଗ,୨୧।୭(ସ୍ୱ.ପ୍ର.):** କଟକ-ପାରାଦୀପ ରାସ୍ତାରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ଅମୃତ ଦାଶ(୨୦) ଓ ଆହତ ଜଣଙ୍କ ହେଲେ ଅରୁଣ ପଟ୍ଟନାୟକ। ଉଭୟଙ୍କ ଘର କୁଜଙ୍ଗ ବ୍ଲକ ଜଗନ୍ନାଥପୁର। ସେମାନେ କଟକପରୁ ପାରାଦୀପ ଅଭିମୁଖେ ଏକ ଧଳା ରଙ୍ଗର ଆପଚିରେ ଆସୁଥିବାବେଳେ ରାତି ପ୍ରାୟ ସାଢେ ୯ଟାରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲେ। ସେମାନଙ୍କୁ ତୁରନ୍ତ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଅମୃତଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଅରୁଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।



ରାଜ୍ୟ ସରକାରଙ୍କ ମଦ ପ୍ରସାର ନୀତିକୁ ପ୍ଲାକାର୍ଡ ଧରି ମଦମୁକ୍ତି ଯୁବ ବାହିନୀର କମକର୍ତ୍ତା ବିରୋଧ କରୁଛନ୍ତି।

## ରାଜ୍ୟ ସରକାରଙ୍କ ମଦ ପ୍ରସାର ନୀତିକୁ ବିରୋଧ

# ମଦମୁକ୍ତି ଯୁବ ବାହିନୀର ସଚେତନତା

ବିରିଡ଼ି,୨୧।୭(ଡି.ଏନ.ଏ)

ରାଜ୍ୟ ସରକାରଙ୍କ ମଦ ପ୍ରସାର ନୀତିକୁ ବିରୋଧ କରି ସଚେତନତା ଅଭିଯାନ ଆରମ୍ଭ କରିଛି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଯୁବ ଶାଖା ମଦମୁକ୍ତି ବାହିନୀ। ରବିବାର ମଦମୁକ୍ତି ବାହିନୀର କର୍ମକର୍ତ୍ତାମାନେ ବିରିଡ଼ି ବ୍ଲକ ୨୨ ମୌଜାର ବାଗଲପୁରଠାରେ ଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସଚେତନତା ସଭା କରିଛନ୍ତି। ଏଥିରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟ ଓ ମଦ ମୁକ୍ତି ବାହିନୀର କଟକ ଜିଲା ଆବାହକ ଲଲାଟେନ୍ଦୁ ପାତ୍ରଙ୍କ ସମେତ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ, ସଞ୍ଜୟ କୁମାର ରାଉତ, ଅସିତ ରାଉତ, ଦିଲୀପ ରାଉତ, ପଙ୍କଜ ପୃଷ୍ଟି, ଦିଲୀପ ସାହୁ, ଦିଲୀପ ମଲ୍ଲିକ, ରମଣ ମୁଦୁଲି, ମନୋଜ ବେହେରା, ସୁରେନ୍ଦ୍ର ମହାପାତ୍ର ଓ ବସନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ସରକାରଙ୍କ ମଦ ପ୍ରସାର ନୀତି ବିରୋଧରେ ବିଭିନ୍ନ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ। ପ୍ରଥମେ ପ୍ରଭାତ ଫେରି କରାଯାଇଥିଲା। ମଦ ପ୍ରସାର ଫଳରେ ବହୁ ନୀରିହ ଜୀବନ ହାନି ଘଟୁଛି। ଅନେକ ପରିବାର ସର୍ବଶ୍ୱାନ୍ତ ହେଉଛନ୍ତି। ଏଣୁ ଲୋକମାନଙ୍କୁ ସଚେତନ କରିବା ସହ ମଦ ବିରୋଧରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଗୁହାଳ ଜଳିଗଲା, ଗାଈ ବାଛୁରୀ ଜୀବନ୍ତ ଦଗ୍ଧ

ବାଲିକୁଦା,୨୧।୭(ସ୍ୱ.ପ୍ର.)

ବାଲିକୁଦା ତହସିଲ ଅଧୀନ ଆମ୍ବଶାଳ ଗାଁରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ବାସୁଦେବ ସ୍ୱାଇଁଙ୍କ ଗୁହାଳ ଜଳିଯାଇଛି। ଏଥିରେ ତାଙ୍କର ଗାଈ ଓ ୨୧ ଦିନର ଏକ କଅଁଳା ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ବାସୁଦେବଙ୍କ ସ୍ତ୍ରୀ ସନ୍ଧ୍ୟାରେ ଗାଈ ଓ ବାଛୁରୀଙ୍କୁ ଖାଇବାକୁ ଦେଇ ମଶାବତୀ ଲଗାଇ ଘରକୁ ଚାଲି ଆସିଥିଲେ। ରାତିରେ ସେହି ମଶାବତୀରୁ କୌଣସ ପ୍ରକାରେ ନିଆଁ ଲାଗିଯାଇଥିଲା। ନିଆଁ ପ୍ରକୋପରେ ବାସୁଦେବଙ୍କ ଶୋଇବା ଘର କାନ୍ଥ ତାତିବା ଓ ଭୀଷଣ ଗରମ ହେବାରୁ ସେ ବାହାରକୁ ଉଠି ଆସିଥିଲେ। ଗୁହାଳ ଜଳୁଥିବା ଦେଖି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ମାତ୍ର ସେତେବେଳକୁ ଗୁହାଳ ସହ ଗାଈ, ବାଛୁରୀ ପୋଡ଼ିଯାଇଥିଲେ। ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଦାରିଦ୍ର ଭଞ୍ଜନ ମହାନ୍ତି ପ୍ରମୁଖ ବିପନ୍ନଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ବସନ୍ତ ବେହେରା କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି।

# ସମାଗୋଳ-ବାମଦେଈପୁର ରାସ୍ତା ବିପର୍ଯ୍ୟସ୍ତ

କୁଜଙ୍ଗ,୨୧।୭(ସ୍ୱ.ପ୍ର.)


ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାରେ ବର୍ଷା ପାଣି ଜମି ରହିଛି।

କୁଜଙ୍ଗ ବ୍ଲକର ସମାଗୋଳ-ବାମଦେଈପୁର ୬ କିମି ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ବିଶେଷ କରି ବାମଦେଈପୁର ନିକଟରେ ଏହି ରାସ୍ତାରେ ଯାତାୟାତ କଷ୍ଟକର ହେଉଛି। କିଛିବର୍ଷ ତଳେ ପ୍ରଧାମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତା ନିର୍ମିତ ହୋଇଥିଲା। ତେବେ ନିୟମିତ ମରାମତି ଅଭାବ ଓ ତୈଳ ବିଶୋଧାଗାର ପାଇପ୍ ଲାଇନ୍ ବିଛାଉଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଅବସ୍ଥା ହୋଇଛି। ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଛି। ପାରାଦୀପ ତୈଳ ବିଶୋଧନାଗାରରୁ ରାଞ୍ଚି ପାଇପ୍ ଲାଇନ୍ ସଂଯୋଗ ସମୟରେ ଏହି ରାସ୍ତାର ବେତୁଆଁ ଗ୍ରାମ ନିକଟରେ ରାସ୍ତା ଖୋଳାଯାଇଥିଲା। ତେବେ ପାଇପ୍ ଲାଇନ୍ ବିଛାଇବା ପରେ ଠିକ୍ ଭାବେ ରାସ୍ତା ପୋତାଯାଇ ମରାମତି କରା ନ ଯିବାରୁ ଏବେ ସେଠାରେ ଆଣ୍ଠୁଏ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତାରେ ବେତୁଆଁ ଓ ବଉଳାଙ୍ଗ ଗ୍ରାମରୁ ବିଭିନ୍ନ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଯାତାୟାତ କରନ୍ତି। ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ସେମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଦେଢ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା ଏତେଶୀଘ୍ର ବିପର୍ଯ୍ୟସ୍ତ ହୋଇପଡ଼ିବାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ବ୍ଲକ୍‌ର ଅଧିକାଂଶ ଗ୍ରାମ୍ୟ ଉନ୍ନୟନ ରାସ୍ତାର ସମାନ ଦଶା। ତେଣୁ ତୁରନ୍ତ ରାସ୍ତା ଉନ୍ନତିକରଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ବୃଦ୍ଧଙ୍କ ଆଙ୍ଗୁଠି ମୋଡ଼ିଦେବା ଘଟଣା

# ତଦନ୍ତକାରୀ ଅଧିକାରୀଙ୍କ ବଦଳି ନ କରିବାକୁ ଦାବି

ବାଲିକୁଦା,୨୧।୭(ସ୍ୱ.ପ୍ର.)

ବନ୍ଦର ସାମୁଦ୍ରିକ ଥାନା ଅଞ୍ଚଳରେ ହୋଇଥିବା ଏକ ଗଣ୍ଡଗୋଳ ଘଟଣାର ସମାଧାନ କରିବାକୁ ଯାଇ ଏଏସ୍ଆଇ ଜଣେ ବୃଦ୍ଧଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୃଦ୍ଧଙ୍କ ଅଭିଯୋଗ ପରେ ସମ୍ପୃକ୍ତ ଏଏସ୍ଆଇଙ୍କୁ ବଦଳି କରାଯାଇଛି। ତେବେ ଏଏସ୍ଆଇ ତଥା ତଦନ୍ତକାରୀ ଅଧିକାରୀଙ୍କୁ ବଦଳି ନ କରିବା ପାଇଁ ବୃଦ୍ଧଙ୍କ ବିପକ୍ଷ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ନହରଣା ଗ୍ରାମର ସାଧୁ ଜେନାଙ୍କ ପୁଅ ପ୍ରଭାତଙ୍କ ସହିତ ସେହି ଗାଁର ପ୍ରକାଶ ସାହାଣିଙ୍କର ଗତ ୧୭ ତାରିଖରେ ଗଣ୍ଡଗୋଳ ହୋଇଥିଲା। ପ୍ରଭାତ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଥିଲା। ତେଣୁ ତାଙ୍କ ସ୍ତ୍ରୀ ୨ ପିଲାଙ୍କୁ ନେଇ ବାପଘରେ ରହୁଥିଲେ। ଚଳିବାରେ ସମସ୍ୟା ହେବାରୁ ତାଙ୍କ ନାମରେ ଥିବା ରାଶନ କାର୍ଡକୁ ବାପଘର ଅଞ୍ଚଳର ଡିଲରଙ୍କ ପାଖକୁ ବଦଳାଇ ନେଇଥିଲେ। ଏଥିରେ ପ୍ରକାଶଙ୍କ ହାତ ଥିବା ସନ୍ଦେହ କରି ପ୍ରଭାତ ଗଣ୍ଡଗୋଳ କରିଥିଲେ। ଏପରିକି ଗତ ୧୭ ତାରିଖରେ ଆକ୍ରମଣ କରିଥିଲେ ବୋଲି ପ୍ରକାଶ ବନ୍ଦର ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏଏସଆଇ ରବୀନ୍ଦ୍ର ସେନାପତି ଖମ୍ବାକୁଳ ମଠ ଡ୍ୟୁଟିରେ ଥିବାରୁ ସେତେବେଳେ ଘଟଣାର ତଦନ୍ତ କରିପାରି ନ ଥିଲେ। ସେଠାରୁ ଆସିବା ପରେ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ପ୍ରଭାତ ଥାନାକୁ ଯାଇଥିବାବେଳେ ପ୍ରକାଶ ଗାଁଠାରୁ ଦୂରରେ ଥିବାରୁ ଆସିପାରି ନ ଥିଲେ। ପ୍ରକାଶ ପହଞ୍ଚିବା ପରେ ଏଏସ୍ଆଇ ସେନାପତି ପୁଣି ପ୍ରଭାତଙ୍କୁ ଡକାଇଥିଲେ। ସେ ନ ଆସିବାରୁ ସେନାପତି ତାଙ୍କ ଘରକୁ ଯାଇଥିଲେ। ସେଠାରେ ପ୍ରଭାତଙ୍କ ବାପାଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗିଯାଇ ଏଏସଆଇ କାଳେ ପ୍ରଭାତଙ୍କ ବାପା ସାଧୁଙ୍କ ଆଙ୍ଗୁଠି ମୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏଏସ୍ଆଇଙ୍କୁ ଜିଲା ହେଡ୍ କ୍ୱାର୍ଟରକୁ ବଦଳି କରାଯାଇଛି। ଏହା ଜାଣିବା ପରେ ନହରଣାର ୩୦ରୁ ଊର୍ଦ୍ଧ୍ୱ ଲୋକ ବନ୍ଦର ଥାନାରେ ପହଞ୍ଚି ପ୍ରତିବାଦ ଜଣାଇଥିଲେ। ଖବରପାଇ ଏସ୍‌ଡିପିଓ ପାଲ ଥାନାରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। ସେମାନେ ଏଏସ୍ଆଇଙ୍କ ବଦଳି ନ କରିବା ପାଇଁ ଏସ୍‌ଡିପିଓଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏହା ପରେ ଏସଡିପିଓ ନହରଣା ଗାଁକୁ ଆସି ତଦନ୍ତ କରିଥିବା ଜଣାପଡିଛି।

## ପୂର୍ବ ଶତ୍ରୁତାରୁ ଫସଲ ଉଜାଡ଼ିଦେଲେ

**କୁଜଙ୍ଗ,୨୧।୭(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ ସାହାରାଡିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଚାଷୀଙ୍କ ଫସଲ ଉଜାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ରମେଶ ବେହେରାଙ୍କ ସହ କେତେଜଣ ଲୋକଙ୍କ ବିବାଦ ରହିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ରମେଶଙ୍କ କଲରା ଓ ଭେଣ୍ଡି ଫସଲରେ ରାସାୟନିକ ଔଷଧ ପକାଇ ନଷ୍ଟ କରିଦେଇଛନ୍ତି। ଏଥିରେ ୨ ଏକର ଫସଲ ନଷ୍ଟ ହୋଇଛି। ବଜାରରେ ପରିବା ଦର ଆକାଶ ଛୁଆଁ ଥିବାବେଳେ ଅମଳ ସମୟରେ ତାଙ୍କ ଫସଲ ଉଜାଡ଼ିଦେବା ରମେଶଙ୍କୁ ବ୍ୟଥିତ କରିଛି। ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଥାନାରେ ଜଣାଇଛନ୍ତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ଜୁଲାଇ, ୨୦୧୯



ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ ।
- ନେପୋଲିୟନ



## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଜଣେ ମୃତ

ବୋଲଗଡ଼,୨୧।୭(ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ପୂର୍ବତଟ ରେଳପଥ, ବୋଲଗଡ଼ ନିକଟ ରେଲ୍‌ୱେ ଲେଭଲ୍ କ୍ରସିଂ ଧାରଣାରେ ଟ୍ରେନ୍‌ରେ କଟି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ବୋଲଗଡ଼ ଥାନା ମଣ୍ଡଳସିଂହ ଗ୍ରାମର ଅଭିମନ୍ୟୁ ନାଏକ(୪୮)। ପୋଲିସ ସୂତ୍ରରୁ ପ୍ରକାଶ, ୫୭ ନଂ ଜାତୀୟ ରାଜପଥସ୍ଥିତ ବୋଲଗଡ଼, ପଞ୍ଚକୋଟ ମଧବର୍ତ୍ତୀ ରେଳଧାରଣା ଉପରୁ ଅଭିମନ୍ୟୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜବତ ମୃତଦେହକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ଘଟଣା ନେଇ ବୋଲଗଡ଼ ଥାନାରେ କେସ୍ ନଂ. ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁପୂର୍ବକ ତଦନ୍ତ ଜାରି ରହିଛି।

### ନାବାଳିକା ଛାତ୍ରୀ ଉଦ୍ଧାର ଘଟଣା
### ଗ୍ରାମବାସୀ ଓ ବିଦ୍ୟାଳୟ ପକ୍ଷରୁ ପୋଲିସକୁ ଶୁଭେଚ୍ଛା

ରଣପୁର,୨୧।୭(ସ୍ୱ.ପ୍ର.)-ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର ଅଞ୍ଚଳରୁ ଗତ ୬ ତାରିଖରେ ଜଣେ ନାବାଳିକା ଛାତ୍ରୀ(୮)ଙ୍କୁ ଦୁର୍ବୃତ୍ତ ଅପହରଣ କରି ନେଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଚାନ୍ଦପୁର ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଶନିବାର ଏକ ପୋଲିସ ଟିମ୍ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରୁ ନାବାଳିକାଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ଏଥିପାଇଁ ରବିବାର ଅଞ୍ଚଳବାସୀ ଓ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଶିକ୍ଷକ ରବୀନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ସମସ୍ତ ପୋଲିସ ଏବଂ ଅଧିକାରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଉପଢୌକନ, ପୁଷ୍ପଗୁଚ୍ଛ ପ୍ରଦାନବେଳେ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭ୍ୟ ବିଜୟ କେତନ ସାହୁ, ଗ୍ରାମ ସଭାପତି ଶ୍ରୀକାନ୍ତ କିଶୋର ସେନାପତି, ଉପସଭାପତି ବିକ୍ରମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୭ମାସ ହେଲା ଅନ୍ଧାରରେ ରାଣୀଝରୀ

ଦଶପଲ୍ଲା,୨୧।୭ (ଡି.ଏନ୍.ଏ.): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦୁତା ପଞ୍ଚାୟତର ରାଣୀଝରୀ ଗ୍ରାମ ଦୀର୍ଘ ୭ମାସ ହେଲା ଅନ୍ଧାରରେ ରହିଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ ସମସ୍ୟାର ସମାଧାନ ହେଉ ନ ଥିବା ଗ୍ରାମବାସୀ କହିଛନ୍ତି। ଗତ ଜାନୁୟାରୀ ମାସଠାରୁ ଟ୍ରାନ୍ସଫର୍ମର ଅଚଳ ହୋଇରହିଛି। ବିଭାଗୀୟ କର୍ମଚାରୀ ଗାଁରେ ପହଞ୍ଚି ଏହାର ମରାମତି କରାଯିବ ବୋଲି କହିଥିଲେ ମଧ ସୁଫଳ ମିଳିନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ (ସେସୁ) ଅନିଲ କୁମାର ସାହୁ କହିଛନ୍ତି, ଗତ ଜାନୁୟାରୀ ମାସରେ ଟ୍ରାନ୍ସଫର୍ମର ଖରାପ ଥିବା ନେଇ ଅଭିଯୋଗ ହୋଇଥିଲା। କର୍ମଚାରୀମାନେ ଯାଇ ଏହାକୁ ମରାମତି କରିଥିଲେ। ଏବେ କ'ଣ ହୋଇଛି ନିଜେ ଯାଇ ଦେଖିବେ ବୋଲି ସେ ପ୍ରକାଶ କରିଛନ୍ତି।

■ ବଜ୍ରକୋଟ ପଞ୍ଚାୟତରେ ଇନ୍ଦିରା ଆବାସ ଚଞ୍ଚକତା ଘଟଣା

# ଦୁର୍ନୀତି ଘୋଡ଼ାଇବାକୁ ପ୍ରଶାସନର ପ୍ରୟାସ

ରଣପୁର,୨୧।୭(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ବଜ୍ରକୋଟ ପଞ୍ଚାୟତସ୍ଥ ଭେରୁପଡ଼ା ଗ୍ରାମରେ ଇନ୍ଦିରାଆବାସ ଯୋଜନାରେ ଚଞ୍ଚକତା ଘଟଣାର ଗୁମର ଧୀରେ ଧୀରେ ଖୋଲୁଛି । ଏଥିରେ ହୋଇଥିବା ଦୁର୍ନୀତିକୁ ବ୍ଲକ ପ୍ରଶାସନ ପକ୍ଷରୁ ଚପାଇ ଦେବା ସହିତ ଦୁର୍ନୀତିଗ୍ରସ୍ତଙ୍କୁ ଅଧିକ ଦୁର୍ନୀତି କରିବାକୁ ସୁଯୋଗ ଦିଆଯାଉଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏହି ଘଟଣା ଜିଲାପାଳଙ୍କ ଦୃଷ୍ଟିକୁ ଆସିବା ପରେ ବ୍ଲକ ଓ ପଞ୍ଚାୟତ ଅଧିକାରୀଙ୍କୁ ଉକ୍ତ ପଞ୍ଚାୟତ ଗସ୍ତକରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତକାରୀ କର୍ମଚାରୀ ୨୦ରୁ ୩୦ ବର୍ଷ ତଳର ଘର ଦେଖାଇ ନୂତନ ପକ୍କାଘର ବିଲପାସ୍ କରାଇଦେବା ଘଟଣା ସାଧାରଣରେ ଚର୍ଚ୍ଚିତ ହୋଇଛି। ସୂଚନାଯୋଗ୍ୟ, ଗତ ୨ ତାରିଖ ଧରିତ୍ରୀରେ ବଜ୍ରକୋଟ ପଞ୍ଚାୟତ ଇନ୍ଦିରା ଆବାସ ଯୋଜନାରେ ଦୁର୍ନୀତି ଘଟଣା ପ୍ରକାଶ ପାଇଥିଲା। ଏହାକୁ ନୟାଗଡ଼ ଜିଲାପାଳ ଗୁରୁତ୍ୱ ଦେଇଥିଲେ।

ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ବଜ୍ରକୋଟ ପଞ୍ଚାୟତକୁ ଗସ୍ତ କରିଥିବା ତଦନ୍ତକାରୀ ଅଧିକାରୀ ପୁରୁଣାଘରକୁ ଦେଖାଇ ବିଲ୍ ପାସ୍ କରାଇବା ଭଳି ଘଟଣାକୁ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ଘଣ୍ଟ ଘୋଡାଇବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି। ତେଣୁ କାର୍ଯ୍ୟାଦେଶ ପାଇଥିବା ୨ହିତାଧିକାରୀଙ୍କୁ ଏବେ ତରବରିଆ ଭାବେ ନୂତନ ପକ୍କାଗୃହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତରେ ଏଭଳି ଘଟଣା ଯୋଗୁ ବ୍ଲକରେ ଚାଲିଥିବା ଇନ୍ଦିରାଆବାସ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ତଦନ୍ତରେ ଆସିଥିବା ନୟାଗଡ଼ ଏପିଡି (ଡିଆର୍‌ଡିଏ), ରଣପୁର ବିଡିଓ ପୁରୁଣା ଘରକୁ ନଥିପତ୍ରରେ ଦେଖାଇ ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି। ଏବେ ଚଞ୍ଚକତାକୁ ଘୋଡ଼ାଇବା ପାଇଁ ତୁରନ୍ତ ନୂତନ ପକ୍କାଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ ନିର୍ଦ୍ଦେଶ ଦେବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

କେତେଜଣ ଭେରୁପଡ଼ା ଗ୍ରାମବାସୀ କହିଛନ୍ତି, ୨ ହିତାଧିକାରୀ ତାଙ୍କର ଜେଜେବାପାଙ୍କ ଅମଳର ଘରକୁ ଦେଖାଇ ବିଲ୍ କରାଇନେଇଛନ୍ତି। ତଦନ୍ତକାରୀ ଏପିଡି(ଡିଆର୍‌ଡିଏ) ଅଧିକାରୀ ଓ ବିଡିଓ ଏହି ଘର ବିଷୟରେ କୌଣସି ତଥ୍ୟ ମଧ ସ୍ଥାନୀୟ ଲୋକଙ୍କୁ ପଚାରି ନ ଥିବା କେତେଜଣ ଗ୍ରାମବାସୀ କହିଛନ୍ତି । ସୂଚନାଯୋଗ୍ୟ, ବଜ୍ରକୋଟ ପଞ୍ଚାୟତସ୍ଥ ଏହି ଆବାସ ଯୋଜନାରେ ଭେରୁପଡା ଗ୍ରାମର କୈଳାସ ସାହୁଙ୍କ ସ୍ତ୍ରୀ ଆଶାଲତା ସାହୁ ନାମରେ କାର୍ଯ୍ୟାଦେଶ ନଂ ୪୫୯/୨୦୧୩-୧୪ ଏବଂ ଶଙ୍କର ସାହୁଙ୍କ ସ୍ତ୍ରୀ ଝରୀ ସାହୁ ନାମରେ କାର୍ଯ୍ୟାଦେଶ ନଂ ୮୩୭/୨୦୧୪-୧୫ ଅନୁସାରେ ବ୍ଲକ ତରଫରୁ ଉଭୟଙ୍କୁ ୯୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା । ୬ ମାସ ଭିତରେ ଗୃହକାର୍ଯ୍ୟ ସମାପ୍ତ ନ କଲେ କାର୍ଯ୍ୟାଦେଶକୁ ରଦ୍ଦ କରାଯିବ ବୋଲି ବ୍ଲକ ତରଫରୁ କୁହାଯାଇଥିଲା । ହେଲେ ହିତାଧିକାରୀଦ୍ୱୟ କୌଣସି ଗୃହ କାର୍ଯ୍ୟ ନ କରି ଚଞ୍ଚକତାପୂର୍ଣ୍ଣ ଭାବେ ୨୦୧୯ ଜୁନ୍ ୧ ତାରିଖରେ ବକେୟା ୬୦ହଜାର ଟଙ୍କା ଲେଖାଏ ପାସ୍ କରାଇ ଦେଇଥିବା ଅଭିଯୋଗ ହୋଇଛି। ପୁରୁଣା ଆଜବେଷ୍ଟସ୍ ଘରକୁ ଦେଖାଇ ଉଭୟ ବ୍ଲକରୁ ୧ଲକ୍ଷ ୨୦ହଜାର ଟଙ୍କା ବିଲ୍ ପାସ କରାଇ ଦେଇଥିବା କୁହାଯାଇଛି। ଏହି ବିଷୟରେ ନୟାଗଡ଼ ଜିଲାପାଳ ଡ.ଏନ୍ ତିରୁମାଳା ନାୟକ କହିଛନ୍ତି, ଖବରଟି ଧରିତ୍ରୀରେ ପ୍ରକାଶ ପାଇବା ପରେ ଏହାର ତଦନ୍ତ କରିବା ପାଇଁ ଏପିଡିଙ୍କୁ ମୁଁ ନିର୍ଦ୍ଦେଶ ଦେଇଥିଲି। ସେ ରଣପୁର ବିଡିଓଙ୍କ ସହ ଗସ୍ତ କରି ତଦନ୍ତପୂର୍ବକ ୨ ହିତାଧିକାରୀ ଘର କରିଛନ୍ତି ବୋଲି ରିପୋର୍ଟ ଦେଲେ । ସେଥିଯୋଗୁ କାହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ବୋଲି ଜିଲାପାଳ କହିଥିଲେ। ତେବେ ତଦନ୍ତକାରୀ ଅଧିକାରୀ କିଭଳି ନୂତନ ଓ ପୁରୁଣା ଘର ବିଷୟରେ ଜାଣି ପାରିଲେ ନାହିଁ ସେ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି।




୨୦ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ୨ ହିତାଧିକାରୀଙ୍କ ଏହି ଘରକୁ ଦେଖାଇ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଲ୍ ପାସ କରାଯାଇଛି।

**ପକ୍କାଘର ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ**

### ଉପଜିଲାପାଳ, ଡିଆଇପିଆରଓ ପଦବୀ ଖାଲି

ଖୋର୍ଦ୍ଧା ଅଫିସ,୨୧।୭

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଖୋର୍ଦ୍ଧା ଉପଜିଲାପାଳ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ(ଡିଆଇପିଆରଓ) ପଦବୀ ଖାଲିପଡିଛି। ଖୋର୍ଦ୍ଧା ତହସିଲଦାର ଅତିରିକ୍ତ ଦାୟିତ୍ୱ ଭାବେ ଉପଜିଲାପାଳ ପଦବୀ ସମ୍ଭାଳୁଥିବାବେଳେ ଭୁବନେଶ୍ୱର ଡିଆଇପିଆରଓ ଖୋର୍ଦ୍ଧା ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଅନ୍ୟପକ୍ଷେ ଜଣେ ଅଧିକାରୀ ଡିଆଇପିଆରଓ ଜିଲା ସଂସ୍କୃତି ଅଧିକାରୀ ଦାୟିତ୍ୱ ତୁଲାଇଥାନ୍ତି। ଏଭଳିସ୍ଥଳେ ଖୋର୍ଦ୍ଧାରେ ଡିଆଇପିଆରଓ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ବାଧା ଉପୁଜୁଛି। ସେହିଭଳି ତହସିଲଦାର ଦୁଇ ପଦବୀ ପାଇଁ କାର୍ଯ୍ୟ କରୁଥିବାରୁ ଲୋକଙ୍କର ସମସ୍ୟା ହେଲାଣି।

### ଡ୍ରେନ ଓ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ହେଉନି

ଖୋର୍ଦ୍ଧା ଅଫିସ,୨୧।୭

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଗଜପତି ଛକ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ କାର୍ଯ୍ୟ ଚାଲୁ ରହିଛି। ତେବେ କାର୍ଯ୍ୟ କଚ୍ଛପ ଗତିରେ ଚାଲୁଥିବାବେଳେ ଧୂଳି ଉଡୁଥିଲେ ମଧ ପାଣି ପକାଯାଉନି। ଏଣୁ ରାସ୍ତା କାର୍ଯ୍ୟରେ ତ୍ୱରାନ୍ୱିତ ଆଣିବା ପାଇଁ ସାଧାରଣରେ ଦାବି ହେଉଛି।

■ କୁମ୍ଭୀର ବଂଶବୃଦ୍ଧି ପାଇଁ ପ୍ରୟାସ

# ସାତକୋଶିଆରେ ଛଡ଼ାଗଲା ୫ ଘଡ଼ିଆଳ



ସାତକୋଶିଆ ଗଣ୍ଡରେ ଘଡିଆଳ କୁମ୍ଭୀର ଛଡାଯାଉଛି।

ଗଣିଆ,୨୧।୭(ଡି.ଏନ୍.ଏ.)

ମହାନଦୀର ସାତକୋଶିଆ ଗଣ୍ଡ ଅଞ୍ଚଳରେ ମଗର, ଘଡିଆଳ କୁମ୍ଭୀର ଦେଖାଯାଇଥାନ୍ତି। ବିଶେଷକରି ମଗର ପ୍ରଜାତିର କୁମ୍ଭୀର ବହୁ ସଂଖ୍ୟାରେ ଥିବାବେଳେ ଘଡିଆଳ ପ୍ରଜାତିର କୁମ୍ଭୀର ପ୍ରାୟତଃ କମ୍ ଦେଖାଦେଇଥାନ୍ତି। ଏପରିସ୍ଥିତିରେ ସାତକୋଶିଆ ଗଣ୍ଡରେ ଘଡିଆଳ କୁମ୍ଭୀର ବଂଶବୃଦ୍ଧି ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତଥା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଶନିବାର ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ କୁଶଙ୍ଗ ବନାଞ୍ଚଳର ସୁନାଖଣିଆଠାରେ ୫ଟି ଘଡିଆଳ କୁମ୍ଭୀର ଛଡାଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଅଣାଯାଇଥିବା ଏହି ୫ଟି କୁମ୍ଭୀର ମଧ୍ୟରେ ୨ଟି ଅଣ୍ଡିରା ଓ ୩ଟି ମାଈ କୁମ୍ଭୀର ଅଛନ୍ତି। ସାତକୋଶିଆରେ ଘଡିଆଳ କୁମ୍ଭୀର ପ୍ରଜନନ ବୃଦ୍ଧି ସାଙ୍ଗକୁ ଯେପରି ଅଧିକ ବଂଶ ବିସ୍ତାର ହୋଇପାରିବ ସେ ନେଇ ପ୍ରଥମ କରି ୫ଟି କୁମ୍ଭୀର ଛଡାଯାଇଛି। ପର୍ଯ୍ୟାୟକ୍ରମେ ୩ବର୍ଷ ମଧ୍ୟରେ ୩୦ଟି ଘଡିଆଳ କୁମ୍ଭୀର ଛଡାଯିବ ବୋଲି ବନ୍ୟପ୍ରାଣୀ ବିଭାଗ ଲକ୍ଷ୍ୟ ରଖିଛି । ତେବେ ଚଳିତବର୍ଷ ନଭେମ୍ବର ମାସରେ ଆଉ ୫ଟି କୁମ୍ଭୀର ଛଡାଯିବ ବୋଲି ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି। କୁମ୍ଭୀର ଛଡାଯିବା ବେଳେ ବନ୍ୟପ୍ରାଣୀ ବିଭାଗ ପିସିସିଏଫ୍ ଅଜୟ କୁମାର ମହାପାତ୍ର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନିର୍ଦ୍ଦେଶକ ଶଶୀ ପାଓ୍ୱଲ, ଅନୁଗୋଳ ଆରସିସିଏଫ୍ ତଥା କ୍ଷେତ୍ରାଞ୍ଚଳ ନିର୍ଦ୍ଦେଶକ ଡ. ପି.ଆର. କରାତ, ସାତକୋଶିଆ ଡିଏଫ୍‌ଓ ପି. ରାମସ୍ୱାମୀ, ନୟାଗଡ ମହାନଦୀ ବନ୍ୟପ୍ରାଣୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ, ଏସିଏଫ୍ ବିଜୟ କୁମାର ମହାନ୍ତି, ଶୁଭେନ୍ଦୁ ବେହେରାଙ୍କ ସମେତ ସମସ୍ତ ବନାଞ୍ଚଳ ଅଧିକାରୀ ଉପସ୍ଥିତ ଥିଲେ । ଗତିବିଧି ସମ୍ପର୍କରେ ଜାଣିବା ପାଇଁ କୁମ୍ଭୀରମାନଙ୍କ ଦେହରେ ରେଡିଓ କଲାର ଲଗାଯାଇଛି। ଏଥିପାଇଁ ନନ୍ଦନକାନନର ୪ଜଣ ରିସୋର୍ସ ଫେଲୋଙ୍କୁ ନିୟୋଜିତ କରାଯାଇଥିବା ଜଣାପଡିଛି ।

### ଗ୍ରାମାଞ୍ଚଳରେ ସୋଲାର୍ ଲାଇଟ ବଣ୍ଟନ

ରଣପୁର,୨୧।୭(ସ୍ୱ.ପ୍ର.)

ରଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଇଉନିକ୍ ଫ୍ୟାମିଲ ଟ୍ରଷ୍ଟ ତରଫରୁ ରାମକୃଷ୍ଣ ମିଶନ (ଭୁବନେଶ୍ୱର) ସହଯୋଗରେ ସୋଲାର୍ ଲାଇଟ୍ ବଣ୍ଟନ କରାଯାଇଛି । ବ୍ଲକର ବନ୍ଧମୁଣ୍ଡା, ନାଥପୁର, ତୁଲୁବି, ଶଙ୍ଖଯୋଡି, ଜରିପଡ଼ା, ନେଳିପଡ଼ା ଓ ଖାମାନ ଆଦି ଗ୍ରାମର ଶତାଧିକ ମହିଳା/ପୁରୁଷଙ୍କୁ ମାଗଣାରେ ସୋଲାର ଲାଇଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ତ୍ତିକ ନାୟକ, ମହେଶ୍ୱର ନାୟକ, ଅମିୟ ପ୍ରସାଦ ଦାସ, ଅଙ୍କିତ କୁମାର ସାହୁ ଉପସ୍ଥିତ ଥିଲେ ।

### ବିଦ୍ୟୁତ୍ ସମସ୍ୟା, ଆନ୍ଦୋଳନ ଚେତାବନୀ

ଦଶପଲ୍ଲା,୨୧।୭ (ଡି.ଏନ୍.ଏ.)

ଗତ ପ୍ରାୟ ୩ ମାସରୁ ଉର୍ଦ୍ଧ୍ୱ ହେବ ଦଶପଲ୍ଲା ବ୍ଲକ ଘୁଗୁଡିପଡା ପଞ୍ଚାୟତର ଖଳିଘଟି ଗାଁରେ ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ବାରମ୍ବାର ଦାବି ପରେ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ମଧ୍ୟ କିଛିଦିନ ପରେ ଏହା ପୁଣି ଅଚଳ ହୋଇ ପଡିରହିଛି। ଏହାକୁ ନେଇ ଗ୍ରାମବାସୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ (ସେସୁ) ଅନିଲ୍ କୁମାର ସାହୁ କହିଛନ୍ତି, ସମସ୍ୟା ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମାତ୍ର ତାର ଖରାପ ଥିବାବେଳେ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

### ସନ୍ଦେହଜନକ ସ୍ଥିତିରେ ଦୁଇ ନାବାଳିକା ଉଦ୍ଧାର

ଓଡ଼ଗାଁ,୨୧।୭(ସ୍ୱ.ପ୍ର.)

ଓଡ଼ଗାଁ ଥାନା ଅନ୍ତର୍ଗତ ରୋହିବାଙ୍କ ଗ୍ରାମବାସୀ ରବିବାର ଦୁଇ ନାବାଳିକାଙ୍କୁ ଉଦ୍ଧାର କରି ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଉଭୟେ ରୋହିବାଙ୍କ ଉଦୟପୁର ରାସ୍ତାରେ ଥିବା ପଥର ଖାଦାନ ପାଣିରେ ବୁଡି ଆତ୍ମହତ୍ୟା କରିବାକୁ ଆସିଥିବା ବେଳେ ସେମାନଙ୍କୁ କେତେକ ମହିଳା ଦେଖିଥିଲେ। ଗ୍ରାମବାସୀ ଏ ନେଇ ସ୍ଥାନୀୟ ପୋଲିସ ଓ ଶିଶୁ ମଙ୍ଗଳ କମିଟିକୁ ଜଣାଇବା ପରେ ଥାନାର ମହିଳା ଓ ଶିଶୁ ଡେସ୍କ ଅଧିକାରୀ ସ୍ନେହଲତା ପ୍ରଧାନ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଛନ୍ତି। ସେମାନେ ନୟାଗଡରେ ଥିବା ମାମୁଁମାଇଁଙ୍କ ନିର୍ଯ୍ୟାତନା ସହି ନ ପାରି ଆତ୍ମହତ୍ୟା କରିବାକୁ ରବିବାର ସକାଳୁ ଏଠାକୁ ଆସିଥିବା କହିଥିଲେ। ଅନ୍ୟପକ୍ଷେ ସେମାନଙ୍କୁ ଥାନାରେ ଜିଲା ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତା ସୁଜାତା ବେହେରା ଏବଂ ମହିଳା ଓ ଶିଶୁ ଡେସ୍କ ଅଧିକାରୀ ପ୍ରଧାନ ପଚରାଉଚୁରା କରିଥିଲେ। ଏହି ସମୟରେ ସେମାନେ ସମ୍ପର୍କରେ ଦୁଇ ଭଉଣୀ ଏବଂ ଉଭୟେ କୋମଣ୍ଡ ହାଇସ୍କୁଲରେ ଦଶମ ଓ ନବମ ଶ୍ରେଣୀରେ ପଢୁଥିବା ବେଳେ କୋମଣ୍ଡ ଖଦାଳ ସାହିରେ ଦୁଇ ପରିବାରଙ୍କ ଘରେ ଝିଅ ଭଳିଆ ରହୁଥିବା ପ୍ରକାଶ କରିଛନ୍ତି । ଏପରି କି ସେମାନଙ୍କ ନିଜ ମା'ବାପାଙ୍କ ଦେହାନ୍ତ ପରେ ପ୍ରାୟ ୮/୯ ବର୍ଷ ପୂର୍ବେ ନୟାଗଡ ଡାକ୍ତରଖାନା ପଛ ପାଖରେ ରହୁଥିବା ତାଙ୍କ ମାମୁଁ ଏଠାରେ ଏହି ଦୁଇ ପରିବାରଙ୍କୁ ବିକ୍ରି କରିଦେଇଥିବା ନେଇ ତଥ୍ୟ ପ୍ରଦାନ କରିଛନ୍ତି । ଏହା ସହିତ ଦୁଇ ପରିବାରର ସଦସ୍ୟମାନେ ସେମାନଙ୍କୁ ସ୍କୁଲ ନ ପଠାଇବା, ସେମାନେ ମୋବାଇଲରେ କଥା ହେବାକୁ ପସନ୍ଦ କରୁ ନ ଥିବା ଏବଂ ମାରପିଟ କରିବା ସହିତ ଘର କାମ କରିବାକୁ ବାଧ କରୁଥିବାରୁ ସେମାନେ ଆତ୍ମହତ୍ୟା କରିବାକୁ ଯାଇଥିଲେ ବୋଲି କହିଛନ୍ତି । ସେମାନେ ଭିନ୍ନଭିନ୍ନ କଥା କହୁଥିବାବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ଓ ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତା ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ କୋମଣ୍ଡ ଗସ୍ତ କରିଛନ୍ତି । ପୋଲିସଠାରୁ ପ୍ରାପ୍ତ ସବିଶେଷ ସୂଚନା ଅନୁସାରେ ଉଭୟ ନାବାଳିକା କୋମଣ୍ଡ ଗ୍ରାମର ହୋଇଥିବାବେଳେ ସେମାନେ କୌଣସି କାରଣରୁ ଘରୁ ରାଗି ପଳାଇଆସି ଏଭଳି ନାଟକୀୟ ଢଙ୍ଗରେ ଭିନ୍ନ ଭିନ୍ନ ବୟାନ ଦେଇଥିଲେ। ପୋଲିସ ଉଭୟଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିବାବେଳେ ସୋମବାର ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ।

### ନଳକୂପ ଅଚଳ, ବ୍ୟବସାୟୀ ହନ୍ତସନ୍ତ

ବେଗୁନିଆ, ୨୧।୭ (ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଦୁର୍ଗା ବଜାର ପରିସରରେ ଥିବା ନଳକୂପଟି ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ଏଥିଯୋଗୁ ବ୍ୟବସାୟୀମାନେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ମରାମତି ପାଇଁ ଅଭିଯୋଗ କଲେ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ସୋମବାର ହେବାକୁ ଥିବା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଶେଷ ଗୁହାରୀ କରିବା ପରେ ୨ ଦିନ ଅପେକ୍ଷା କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବ୍ୟବସାୟୀମାନଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ବଜାରରେ ଥିବା ଏହି ନଳକୂପ ଉପରେ ୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ନିର୍ଭର କରନ୍ତି। ଏଥିସହ ସାପ୍ତାହିକ ହାଟ ୨ ପାଳିରେ ପରିବା ବିକ୍ରି କରିବାକୁ ଆସୁଥିବା ଉଠା ଦୋକାନୀ ମଧ ନିର୍ଭର କରନ୍ତି। ୪୫ ଦିନ ହେଲା ଏହି ନଳକୂପର ପାଇପ ଫାଟି ଅଚଳ ହୋଇଥିଲା। ଅଭିଯୋଗ ପରେ ଏବେ ୧୫ ଦିନ ହେଲା ବିଭାଗ ପକ୍ଷରୁ ମରାମତି କରାଯିବ ବୋଲି କହି ନଳକୂପ ର ଉପରି ଭାଗ ପାଇପ କାଢି ନେଇ ଯିବା ପରେ ଆଉ କାହାର ଦେଖା ଦର୍ଶନ ମିଳୁନାହିଁ। ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମରାମତି ପାଇଁ କର୍ମଚାରୀ ଅଭାବ ବୋଲି ସଫେଇ ଦିଆଯାଉଛି। ଏଥିସହ ଗତ ୧୫ ତାରିଖରେ ଜଣେ ବ୍ୟବସାୟୀ କମ୍ପ୍ଲେନ ହେଲ୍ପ ଲାଇନ ନମ୍ବରରେ ଅଭିଯୋଗ କରିଥିଲେ। ୩ ଦିନ ମଧରେ ଅଚଳ ନଳକୂପ ସଚଳ ହୋଇଯିବ ବୋଲି ଉତ୍ତର ମିଳିଥିଲା। ମାତ୍ର ଏଯାବତ ମରାମତି ହେଲାନାହିଁ। ପାଣି ପାଇଁ ବ୍ୟବସାୟୀମାନେ ଅଧ କିମି ଦୂର ଏକ ବସ୍ତିର ନଳକୂପ ଉପରେ ନିର୍ଭର କରୁଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଜଳଯୋଗାଣ ଯନ୍ତ୍ରୀଙ୍କ ମୋବାଇଲ ନଂ. ୮୨୮୦୪୦୮୭୭୭କୁ ବାରମ୍ବାର ଯୋଗାଯୋଗ କଲେ ସେ ଫୋନ୍ ଉଠାଉ ନାହାନ୍ତି।




ଅଚଳ ନଳକୂପ।

■ କମିବାରେ ଲାଗିଛି ମହାନଦୀ ଜଳସ୍ତର

# ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୬ ପଞ୍ଚାୟତ ପ୍ରଭାବିତ

କଣ୍ଟିଲୋ,୨୧।୭ (ସ୍ୱ.ପ୍ର.)

ସମ୍ପ୍ରତି ଛତିଶଗଡ ସରକାର ମହାନଦୀ ଉପରମୁଣ୍ଡରେ ଛୋଟବଡ ୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ (ବ୍ୟାରେଜ) ନିର୍ମାଣ କରିବା ଫଳରେ ଏହାର ପ୍ରଭାବ ମହାନଦୀ ଉପରେ ପଡିଛି। ନୟାଗଡ଼ ଜିଲା ଖଣ୍ଡପଡା ନିର୍ବାଚନମଣ୍ଡଳୀର ମହାନଦୀ ଉପକୂଳରେ ଥିବା ୬ଟି ପଞ୍ଚାୟତ ଏହାଦ୍ୱାରା ପ୍ରଭାବିତ ହୋଇଛି। ଚିରସ୍ରୋତା ମହାନଦୀର ଯେଉଁ ସ୍ଥାନରେ ପାଣି କାତ ପାଉ ନ ଥିଲା ସେଠି ଏବେ ବାଲିର ପାହାଡ ସୃଷ୍ଟି ହୋଇଛି। ଏହାଛଡା ମହାନଦୀ ଅବବାହିକାରେ ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁ ନଦୀ ଗର୍ଭ କ୍ରମେ ପୋତି ହୋଇଯାଉଛି। ଏଥିଯୋଗୁ ନିର୍ବାଚନୀମଣ୍ଡଳୀ ଅନ୍ତର୍ଗତ ସିଧାମୂଳା, ବଡବାଣପୁର, କଣ୍ଟିଲୋ, ପଥରଚକଡା, ପଦ୍ମାବତୀ, କରବର ଆଦି ପଞ୍ଚାୟତଗୁଡିକ ଗଭୀର ଭାବେ ପ୍ରଭାବିତ ହୋଇଛି। ମହାନଦୀ ଜଳକୁ ଆଧାର କରି ଗଢିଉଠିଥିବା ପାନୀୟ ଜଳ ଓ ସେଚ ପ୍ରକଳ୍ପଗୁଡିକ ବନ୍ଦ ହୋଇପଡିଛି। ସିଧାମୂଳା ଗ୍ରାମଠାରେ ମହାନଦୀ ଉପକୂଳରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଇନ୍‌ଟେକ୍ ୱେଲ୍ ପୋତି ହୋଇଯିବା ଫଳରେ ପ୍ରାୟ ୧୦ଲକ୍ଷ ଟଙ୍କା ପାଣିରେ ପଡିଛି। ସେହିଭଳି ବଡବାଣପୁର ଗ୍ରାମଠାରେ ଥିବା ୭୦ ଲକ୍ଷ ଟଙ୍କାର କେଏଫଡବ୍ଲ୍ୟୁ ମେଗା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡିବା ସହ ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଖତ ଖାଉଛି। ବାଣପୁର ଗ୍ରାମରେ ମଧ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ସେହିଭଳି କଣ୍ଟିଲୋ ଗ୍ରାମରେ ପାନୀୟଜଳ ଯୋଗାଣ ବ୍ୟାହତ ହେବା ସହ ଛୋଟ ଛୋଟ ସେଚ ପ୍ରକଳ୍ପ ବନ୍ଦ ହୋଇଯାଇଛି। ମହାନଦୀର ଜଳସ୍ତର କମିବାରେ ଲାଗିଥିବାରୁ ଭବିଷ୍ୟତରେ ଏହା ସାଙ୍ଘାତିକ ରୂପ ନେବା ଆଶଙ୍କା ସୃଷ୍ଟି ହୋଇଛି। ଉପକୂଳବର୍ତ୍ତୀ ଗ୍ରାମଗୁଡିକରେ ଥିବା ମତ୍ସ୍ୟଜୀବୀମାନଙ୍କ ଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି। ସେମାନେ ଦୈନିକ ମହାନଦୀରୁ ମାଛଧରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ବର୍ତ୍ତମାନ ବେଉଷା ଚାଲିଯିବା ପରେ ସେମାନଙ୍କ ପରିବାର ଆର୍ଥିକ ଅନଟନ ମଧରେ ଗତି କରୁଛନ୍ତି। ଅନେକେ ବ୍ୟବସାୟ ଛାଡି ଦାଦନ ମୁହାଁ ହେଲେଣି। ଏହା ସହ ସ୍ଥାନୀୟ ମାଛ ବଜାରରେ ମହାନଦୀର ମାଛ ସ୍ୱପ୍ନ ପାଲଟିଗଲାଣି। ମହାନଦୀ ଓଡିଶାର ଜୀବନରେଖା ହୋଇଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ପ୍ରତି କାଦୁଅ ଫିଙ୍ଗାଫିଙ୍ଗି ହୋଇ ବୟାନବାଜି କରୁଥିବା ବେଳେ ଜନସାଧାରଣ ଏହାର କୁପରିଣାମ ଭୋଗିବାକୁ ଯାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ବଡଧରଣର ଗଣଆନ୍ଦୋଳନ ହେବା ସୂଚନା ମିଳିଛି।



ମହାନଦୀର ଜଳ ଶୁଖିବାକୁ ବସିଲାଣି।




ବଡବାଣପୁର ଗ୍ରାମଠାରେ ଥିବା ଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଛି।

■ବନ୍ଦ ହୋଇପଡିଛି ପାନୀୟ ଜଳ ଓ ସେଚ ପ୍ରକଳ୍ପ
■ମତ୍ସ୍ୟଜୀବୀ ଦାଦନମୁହାଁ

